**ଅଗ୍ନିକାଣ୍ଡରେ ୨ ଗାଈ, ବାଛୁରି ଜୀବନ୍ତ ଦଗ୍ଧ**

ନାଉଗାଁ,(ସ୍ୱ.ପ୍ର): ନାଉଗାଁ ତହସିଲ ଅନ୍ତର୍ଗତ ଡେରିକି ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ କୈଳାସ ଜେନାଙ୍କ ଗୁହାଳ ଜଳଯାଇଛି। ଏଥିରେ ୨ ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ନାଉଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ କୁଷ୍ମାଣ୍ଡା ବେଶ



ନାଉଗାଁ,୧୬।୪(ସ୍ୱ.ପ୍ର): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାମ୍ଭୋସ୍ଥିତ ମା'ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବା ଶ୍ରମରେ ନବ ଦିନାତ୍ମକ ବାସନ୍ତିକ ଦୁର୍ଗାପୂଜାର ୪ର୍ଥ ଦିବସରେ ମା'ଙ୍କୁ କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯାଇଛି।

### ଛତିଶଗଡ଼ ଫେରନ୍ତା ପ୍ରବାସୀଙ୍କ ମୃତ୍ୟୁ

ରଘୁନାଥପୁର, ୧୬।୪(ଡି.ଏନ୍.ଏ.): ରଘୁନାଥପୁର ବ୍ଲକରେ ଗୁରୁବାର ଛତିଶଗଡ଼ରୁ ଫେରିଥିବା ଜଣେ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଏହାପରେ କରୋନା ଆଶଙ୍କାରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ମୃତକ ଜଣକ ହେଲେ ବ୍ଲକ ଅନ୍ତର୍ଗତ ହରିଶପୁର ଗ୍ରାମର ଗଣେଶ ପ୍ରସାଦ ଦାଶ(୪୮)। ସେ ଦୀର୍ଘଦିନ ହେବ ଛତିଶଗଡର ରାୟପୁରସ୍ଥିତ ଏକ କମ୍ପାନୀରେ କାମ କରୁଥିଲେ। ଏକ ସପ୍ତାହ ହେବ ସେ ଜ୍ୱରରେ ପୀଡ଼ିତ ଥିଲେ। ସକାଳେ ଟ୍ରେନରେ ଆସି ଘରେ ପହଞ୍ଚିଥିଲେ। ସନ୍ଧ୍ୟାରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ରଘୁନାଥପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ କରୋନା ଆଶଙ୍କା କରି ମୃତଦେହ ଛାଡ଼ି ପଳାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ମାମଲା (ନଂ.୪/୨୧) ରୁଜୁ କରିଛି। ଏଥିସହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ପଠାଇଛି। ଶୁକ୍ରବାର ଅପରାହ୍ନରେ ନଦୀପଠାର ଏକ ନିରୋଳା ସ୍ଥାନରେ ମୃତଦେହ ସତ୍କାର କରାଯାଇଛି।

### ଚାନ୍ଦୋଳ ବଜାରରେ କରୋନା କଟକଣା

ଡେରାବିଶ ୧୬।୪(ସ୍ୱ.ପ୍ର.) : ଡେରାବିଶ ବ୍ଲକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଚାନ୍ଦୋଳ ବଜାରରେ ଶୁକ୍ରବାର ପ୍ରଶାସନ ପକ୍ଷରୁ କରୋନା ଜନିତ କଟକଣାକୁ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ଡେରାବିଶ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି, କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡିର ପୋଲିସ୍ କର୍ମଚାରୀମାନେ ଉପସ୍ଥିତ ରହି ବଜାରର ବ୍ୟବସାୟୀମାନଙ୍କୁ ମାସ୍କ ପିନ୍ଧିବା ନିମନ୍ତେ ସଚେତନ କରାଇଥିଲେ। ପ୍ରତି ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ କର୍ମଚାରୀମାନେ ମାସ୍କ ବ୍ୟବହାର କରିବାକୁ ତାଗିଦ କରିବା ସହ ଦୋକାନକୁ ଆସୁଥିବା ଗ୍ରାହକମାନଙ୍କୁ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ କେତେଜଣ ଅମାନିଆ ବ୍ୟକ୍ତିଙ୍କଠାରୁ ମଧ ଜରିମନା ଆଦାୟ କରାଯାଇଛି।

# ସ୍କୁଲ, କଲେଜ ବନ୍ଦ, ଅଙ୍ଗନୱାଡି କେନ୍ଦ୍ର ଖୋଲା

**କରୋନା ପାଇଁ ଚିନ୍ତାରେ ଅଭିଭାବକ**

■ଗ୍ରୀଷ୍ମ ସହିତ ସଂକ୍ରମଣ ଭୟ ବଢୁଛି

କେନ୍ଦ୍ରାପଡା ଅଫିସ, ୧୬।୪

କରୋନା ସଂକ୍ରମଣର ଦ୍ୱିତୀୟ ଲହର କେନ୍ଦ୍ରାପଡ଼ା ଜିଲାରେ ଆରମ୍ଭ ହୋଇଯାଇଛି। ଗତ ଜାନୁୟାରୀରୁ ସଂକ୍ରମିତଙ୍କ ସଂଖ୍ୟା ପ୍ରତ୍ୟେକ ଦୁଇ ଅଙ୍କ ମଧ୍ୟରେ ରହିଥିବା ବେଳେ ୪ ଦିନ ମଧ୍ୟରେ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦ୍ରାପଡା ଜିଲା ସମେତ ରାଜ୍ୟରେ ଏହାର ପ୍ରଭାବ ବଢୁଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଭିଡ୍-୧୯ର ସମସ୍ତ ନିୟମ ପାଳନ ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଉଛନ୍ତି। ଏପରି କି ରାଜ୍ୟର ୧୦ ଜିଲାରେ ସପ୍ତାହନ୍ତ ଲକ୍‌ଡାଉନ ଆରମ୍ଭ ହୋଇଥିବା ବେଳେ ଅନ୍ୟ ଜିଲାରେ ରାତ୍ରକାଳୀନ କଟକଣା ଲାଗୁ କରାଯାଇଛି। ସେହିପରି ମେଳା, ମହୋତ୍ସବ, ଯାତ୍ରା, ଧାର୍ମିକ ପରମ୍ପରାକୁ ସୀମିତ ଲୋକ ମଧ୍ୟରେ ପାଳନ ପାଇଁ ଏସ୍‌ଓପି ଜାରି କରାଯାଇଛି। ପ୍ରାଥମିକ ବିଦ୍ୟାଳୟ ବନ୍ଦ ଥିବା ବେଳେ ଖୋଲା ଯାଇଥିବା ହାଇସ୍କୁଲ ଓ କଲେଜର ପରୀକ୍ଷା ବନ୍ଦ ହୋଇଛି। ଏହା ସତ୍ତ୍ୱେ ସମନ୍ୱିତ ମହିଳା ଓ ଶିଶୁ ବିଭାଗ ଅଧୀନ ଅଙ୍ଗନୱାଡି କେନ୍ଦ୍ର ଖୋଲା ରହିଛି ; ଯାହା ଅଭିଭାବକ ମହଲରେ ଚିନ୍ତାର କାରଣ ହୋଇଛି। ସଂକ୍ରମଣ ଭୟ ସହ କେନ୍ଦ୍ରଗୁଡିକରେ ଗ୍ରୀଷ୍ମରୁ ନିସ୍ତାର ପାଇଁ ଅଧିକାଂଶ କେନ୍ଦ୍ରରେ ଭିତ୍ତିଭୂମି ନ ଥିବା ଦର୍ଶାଇଛନ୍ତି।



ମହାକାଳପଡ଼ାର ଏକ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ବସି ପଢୁଛନ୍ତି।

ମହାକାଳପଡ଼ା ବ୍ଲକ ବଳିପାଳ ଗ୍ରାମର ବିଭୂତି ଭୂଷଣ ରାଉତ କହିଛନ୍ତି, କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ସ୍କୁଲଗୁଡିକ ବନ୍ଦ ଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ଖୋଲା ରହିବା ଚିନ୍ତାଜନକ ସ୍ଥିତି ଆଣିଛି। ଏହି କେନ୍ଦ୍ରକୁ ପ୍ରି ସ୍କୁଲ ବା ୩ରୁ ୬ ବର୍ଷର କୋମଳମତି ପିଲା ଯାଉଛନ୍ତି। ଏହି ବୟସରେ ସେମାନେ ଖେଳ କୌତୁକପ୍ରିୟ ହୋଇଥାନ୍ତି। ସାମାଜିକ ଦୂରତାରେ ରଖିବା, ମୁହଁରେ ମାସ୍କ ଲଗାଇବା, ହାତଧୂଆ ଆଦି କାର୍ଯ୍ୟକୁ ଏହି ବୟସର ପିଲାମାନେ ସର୍ବଦା ଅଣଦେଖା କରିଥାନ୍ତି। ଜାରି ହୋଇଥିବା ଏସ୍‌ଓପି ଅନୁଯାୟୀ, ଏହା ସୁଚାରୁ ରୂପେ କାର୍ଯ୍ୟକାରୀ ନ ହେଲେ ସଂକ୍ରମଣ ବଢ଼ିବ। ପିଲାଙ୍କ ଜୀବନରକ୍ଷା ପାଇଁ ଅଙ୍ଗନୱାଡି କେନ୍ଦ୍ରକୁ ତୁରନ୍ତ ବନ୍ଦ ପାଇଁ ସେ ଦାବି କରିଛନ୍ତି। ଡେରାବିଶର କରୁଣାକର କର କହିଛନ୍ତି, ତାଙ୍କ ନାତି ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରକୁ ଯାଆନ୍ତି। ତେବେ କରୋନାର ଦ୍ୱିତୀୟ ସଂକ୍ରମଣ ବଢୁଥିବାରୁ ଗତ ୧୦ ଦିନ ଧରି ସେଠାକୁ ସେ ଯାଇ ନାହିଁ। ୨୦୨୦ରେ କରୋନା ପ୍ରଥମ ଲହର ସମୟରେ ଯେଉଁଳି ପିଲାଙ୍କୁ ସେମାନଙ୍କ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଖାଦ୍ୟ ଆଣି ଘରେ ଦେବାର ବ୍ୟବସ୍ଥା କରାଯାଇଥିଲା ସେଭଳି କରାଗଲେ ଭଲ ହୁଅନ୍ତା। ସ୍କୁଲ, କଲେଜ, ଦୋକାନ ବଜାର ଏପରି କି ସ୍ୱାସ୍ଥ୍ୟସେବା ପରି ଜରୁରିକାଳୀନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ କଟକଣା ଥିବା ବେଳେ କୋମଳମତି ପିଲାଙ୍କ ଜୀବନ ସହ ଖେଳ ଖେଳା ଯାଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଜିଲାରେ ମୋଟ ୨୧୪୭ କେନ୍ଦ୍ର ଅଛି। ଏଥିମଧ୍ୟରୁ ୬୦ ପ୍ରତିଶତ ସ୍ଥାନରେ ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ରର ଗୃହ ନାହିଁ। ଅବଶିଷ୍ଟ କେନ୍ଦ୍ରରେ ପଙ୍ଖା, ପାନୀୟ ଜଳ, ଶୌଚାଳୟ ଆଦି ଭିତ୍ତିଭୂମି ଦୁର୍ବଳ ଅଛି। ଗ୍ରୀଷ୍ମ ସହ କରୋନା ସଂକ୍ରମଣ ପିଲାଙ୍କ ପାଇଁ ବିପଦ ଆଣିବ। ତୁରନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏସମ୍ପର୍କରେ ଡିଏସ୍‌ଡବ୍ଲ୍ୟୁଓ ଚିନ୍ମୟୀ ରଥ କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ର ବନ୍ଦ ପାଇଁ ଅଦ୍ୟାବଧି ରାଜ୍ୟ କି କେନ୍ଦ୍ର ସରକାରଙ୍କ ଚିଠି ଆସିନାହିଁ। ତେବେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ନିଆଯିବା ସମ୍ଭାବନା ଅଛି ବୋଲି ସେ ମତ ଦେଇଛନ୍ତି।

## ତାଳଚୁଆ, କାଣିନାଳୀରେ ନିର୍ମାଣ ହେବ ଜେଟି

କେନ୍ଦ୍ରାପଡା ଅଫିସ, ୧୬।୪

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ, ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କାଣିନାଳୀଠାରେ ଜେଟି ନିର୍ମାଣ ହେବ। ଏଥିପାଇଁ ୧୧୦.୬୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କେନ୍ଦ୍ର ସରକାରଙ୍କ ବେସାମରିକ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ୫୦.୩୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ଅବଶିଷ୍ଟ ଅର୍ଥରାଶି ରାଜ୍ୟ ସରକାର ବହନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଭଦ୍ରକର ଧାମରା ବନ୍ଦରରେ କେନ୍ଦ୍ରାପଡ଼ାର ବହୁ ଲୋକ କାର୍ଯ୍ୟ କରୁଛନ୍ତି। ଏହାବ୍ୟତୀତ ସମ୍ପ୍ରସାରିତ ଧାମରା ବନ୍ଦରରେ ଅଧିକ ସଂଖ୍ୟକ କର୍ମ ନିଯୁକ୍ତି ଆଶା ଥିବାରୁ ଯୋଗାଯୋଗ ପଥ ନେଇ ଆଶଙ୍କା ଲାଗି ରହୁଥିଲା। ତାଳଚୁଆରୁ ଧାମରା ବନ୍ଦର ସଡକ ପଥରେ ୨୦୦ କି.ମି. ହୋଇଥିବା ବେଳେ ସମୁଦ୍ର ପଥରେ ମାତ୍ର ୭ ନଟିକାଲ ମାଇଲ। ସମୁଦ୍ର ପଥରେ ଯାତାୟାତ ପାଇଁ ଦେଶୀ ବୋଟ ଯୋଗେ ପ୍ରାୟ ଏକ ଘଣ୍ଟା ସମୟ ଲାଗୁଛି। ଏହି ଦୁଇ ସ୍ଥାନରେ ଜେଟି ନିର୍ମାଣ ହେଲେ ଯାତାୟାତ ସମୟରେ ନିରାପଦ୍ତା ରହିପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଗଜାନନ ମାର୍କେଟ କମ୍ପ୍ଲେକ୍ସରେ ପରିବହନ ବିଭାଗର କର୍ମଚାରୀ ଓ ବ୍ୟବସାୟୀମାନେ।

# ପରିବହନ ବିଭାଗ ହେପାଜତକୁ ନେଲା

ପଟ୍ଟାମୁଣ୍ଡାଇ,୧୬।୪(ସ୍ୱ.ପ୍ର.)

**ଗଜାନନ ମାର୍କେଟ କମ୍ପ୍ଲେକ୍ସ ଜାଗା**

■ଦୋକାନୀମାନଙ୍କୁ ନୋଟିସ

ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ନିକଟ ଗଜାନନ ମାର୍କେଟ କମ୍ପ୍ଲେକ୍ସ ଲିଜ୍ ଅର୍ଥ ପୈଠ ନ କରାଯିବାରୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ହାଇକୋର୍ଟରେ ୨୦୧୨ରେ ମକଦ୍ଦମା ରୁଜୁ କରାଯାଇଥିଲା। ହାଇକୋର୍ଟ ଏହାର ବିଚାର କରି ଲିଜ୍ ନେଇଥିବା ନିରଞ୍ଜନ ପରିଡାକୁ କମ୍ପ୍ଲେକ୍ସ ଛାଡି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିବହନ ବିଭାଗ ଜେନେରାଲ ମ୍ୟାନେଜର ବ୍ରଜଗୋପାଳ ଆଚାର୍ଯ୍ୟ, ଓଏସ୍‌ଡି ଦୀପ୍ତି ମହାପାତ୍ର, ଏଇଓ ଉମାକାନ୍ତ ବାରିକ ଓ ଆଇନଜୀବୀ ସମେତ ଅନ୍ୟ ୧୨ଜଣ ପଟ୍ଟାମୁଣ୍ଡାଇ ଥାନା ପୋଲିସ ସହାୟତାରେ ଦୋକାନୀମାନଙ୍କୁ ଶୁକ୍ରବାର ନୋଟିସ ଜାରି କରିଥିଲେ। ଦୋକାନ ଭଡା ବାବଦ ଅର୍ଥ ପରିବହନ ବିଭାଗକୁ ପଇଠ କରିବାକୁ କୁହାଯାଇଥିଲା। ୧୫ଦିନ ମଧ୍ୟରେ ପରିବହନ ବିଭାଗକୁ ଘରଭଡା ପୈଠ ନ କଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ପଟ୍ଟାମୁଣ୍ଡାଇ ବସଷ୍ଟାଣ୍ଡ ଜାଗାକୁ ୨୦୦୭ରେ ଲିଜ୍ ନେଇଥିବା ପରିଡା ଗଜାନନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ପଟ୍ଟାମୁଣ୍ଡାଇର ବ୍ୟବସାୟୀଙ୍କୁ ଭଡା ଦେଇଥିଲେ। ୨୦୧୨ରେ ଏହି କମ୍ପ୍ଲେକ୍ସକୁ ନେଇ ଅଭିଯୋଗ ହେବାରୁ ଲିଜ୍ ଜମିର ମାପ କରାଯାଇଥିଲା। ସରକାରୀ ଜାଗାରେ ଏକ କୋଠାଘର ଥିବାରୁ ପୋଲିସ ଓ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ଏ ନେଇ ଲିଜ୍ ପାଇଥିବା ବ୍ୟକ୍ତି କ୍ଷତିପୂରଣ ଦାବି କରି ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଏହି ମାମଲା ବିଚାରାଧୀନ ଥିବାବେଳେ ମାସିକ ଲିଜ୍ ଅର୍ଥ ପୈଠ କରାଯାଇ ନ ଥିଲା। ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପରିବହନ ବିଭାଗକୁ ପୈଠ ହୋଇ ନ ଥିବାରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ତେବେ ପରିବହନ ବିଭାଗର ଲିଜ୍ ଜମିକୁ ନେଇ ଲିଜ୍‌ଧାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏଥିସହ ବସ୍‌ଷ୍ଟାଣ୍ଡ ଆଗରେ କେତେଜଣ ଉଠା ଦୋକାନୀକୁ ମଧ ପୋଲିସ ଡକାଇ ଦୋକାନ ଭାଙ୍ଗି ଦେଇଛି।

# ୧୦୦ ବ୍ରାଉନ୍‌ସୁଗାର ପୁଡ଼ିଆ ଜବତ: ଯୁବକ ଗିରଫ

ନାଉଗାଁ,୧୬।୪ (ସ୍ୱ.ପ୍ର)

ନାଉଗାଁ ଥାନା ଅଧୀନ ମୁଣ୍ଡାଳ ନିକଟରେ ଶୁକ୍ରବାର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୧୦୦ଟି ବ୍ରାଉନ୍‌ସୁଗାର ପୁଡ଼ିଆ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ନାଉଗାଁ ପଞ୍ଚାୟତ ଅନ୍ତର୍ଗତ କୋକିଡିହ ଗ୍ରାମର ରଞ୍ଜିତ ଦାସ(୨୬)। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା,ଏ ଏସଆଇ ଅଶୋକ କୁମାର ମହାନ୍ତି, ହାବିଲଦାର ପବିତ୍ର ମୋହନ ପରିଜାଙ୍କ ଉପସ୍ଥିତିରେ ଉକ୍ତ ବ୍ରାଉନ ସୁଗାରକୁ ଓଜନ କରାଯାଇଥିଲା। ଏହାର ଓଜନ ୫ ଗ୍ରାମ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଶନିବାର ରଞ୍ଜିତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଭରତ କୁମାର ବେହେରା କହିଛନ୍ତି। ରଞ୍ଜିତ ଏକ ରୟାଲ ଏନଫିଲ୍‌ଡ ମୋଟର ସାଇକେଲରେ ବ୍ରାଉନ୍‌ସୁଗାର ନେଇ ନାଉଗାଁ ଆସିଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ମୁଣ୍ଡାଳ ନିକଟରେ ତାଙ୍କୁ କାବୁ କରି ବ୍ରାଉନ୍‌ସୁଗାର ସହ ଗାଡ଼ିକୁ ଜବତ କରିଛି।

**ନାଉଗାଁରେ ବଢୁଛି ଧଳାଜହର କାରବାର**

ନାଉଗାଁ ବ୍ଲକରେ ଦିନକୁ ଦିନ ଧଳା ଜହର(ବ୍ରାଉନ୍‌ସୁଗାର ) କାରବାର ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦୋକାନରେ ଖୁଲମଖୁଲା ଏହାକୁ ବିକ୍ରି କରାଯାଉଛି। ମାତ୍ର ଅବକାରୀ ବିଭାଗ ଅବା ଥାନା ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ନାଉଗାଁ ପୋଷ୍ଟ ଅଫିସ କାର୍ଯ୍ୟାଳୟଠାରୁ ୧୦୦ ମିଟର ଦୂରରେ ଓ ତିହୁଡା ମହିଷାମୁଣ୍ଡା ଆଦି ଛକ ଜାଗାରେ ଏହି ବ୍ୟବସାୟ ବଢ଼ିଚାଲିଛି। ଶିଖରଘାଟ ସେତୁ,ଗଳଦାରୀ ସେତୁ, ଶୁଆକଣ ସେତୁ ଦେଇ ମାଫିଆମାନେ ଅନାୟାସରେ ଏହି କାରବାର କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଓ ଛାତ୍ରୀଛାତ୍ର ଏହାର ଶିକାର ହେଉଛନ୍ତି। ମେ ୨୦୨୦ରେ ଅଲଣା ପଞ୍ଚାୟତର ଭାତପଡା ଗ୍ରାମରୁ ଜଣେ ଯୁବକଙ୍କୁ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଥିଲେ। ଏସବୁ କାରବାରରେ ଜଣେ ମହିଳାଙ୍କ ସମ୍ପୃକ୍ତି ଥିବା ନେଇ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବେହେରା କହିଛନ୍ତି, ଧଳା ଜହର ବିକ୍ରି ହେଉଥିବା ନେଇ ଜଣାପଡ଼ିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ନଜର ରଖିଛି।

# ପଢ଼ିବା ବୟସରେ ହାତରେ ଭିକ୍ଷାଥଳି

ମହାକାଳପଡ଼ା,୧୬।୪(ଡି.ଏନ.ଏ.)

ସମାଜରେ ଅନେକେ ଲୋକ ନିଜ ଗୁଜୁରାଣ ମେଣ୍ଟାଇବାକୁ ପାରମ୍ପରିକ ବଂଶାନୁକ୍ରମେ ଭିକ୍ଷା ବୃତ୍ତିକୁ ଆଦରି ନେଉଛନ୍ତି। ଖରା, ବର୍ଷା, ଶୀତ, ଝଡ଼ତୋଫାନକୁ ଖାତିରି ନ କରି ପାରମ୍ପରିକ ନିଜ କୁଳ ବେଉସାକୁ ଆପଣାଇଥାନ୍ତି। ଶିଶୁଠାରୁ ବୁଢ଼ା ପର୍ଯ୍ୟନ୍ତ ଏହି ବୃତ୍ତିକୁ ନିଜର କରନ୍ତି। ଏହି ସମ୍ପ୍ରଦାୟ ସାଧାରଣତଃ ଗାଁକୁ ଗାଁ ବୁଲି ଭିକ୍ଷା କରିବା ସହ ଶାଗ ପଖାଳ ଯିଏ ଯାହା ଦିଅନ୍ତି ଖୁସି ମନରେ ନେଇ ଖାଇଥାନ୍ତି। ଏହି ବୃତ୍ତିରେ ଶିଶୁମାନେ ପାଠ ଛାଡି ନିଜ ମା' ବାପାଙ୍କ ସହ ଗାଁକୁ ଯାଇ ଭିକ୍ଷା ମାଗିଥାନ୍ତି। ଏମାନଙ୍କ ମା'ବାପା ନିରକ୍ଷର ଯୋଗୁ ଶିଶୁମାନଙ୍କୁ ଏହି କୌଳିକ ବୃତ୍ତିରେ ନିୟୋଜିତ କରୁଥିବା ଦେଖିବାକୁ ମିଳୁଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଗାଁ ଗୁଡିକରେ। କେତେଜଣ ମା' ବାପା ନିଜ ପିଲାଙ୍କୁ ପାଠ ପଢ଼ାଇବା ବଦଳରେ ଭିକ୍ଷାବୃତ୍ତି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏଭଳି ଜଣେ ଶିଶୁର ବୟସ ୪ ବର୍ଷ। ତାଙ୍କୁ କାହିଁକି ପାଠ ନ ପଢି ଭିକ୍ଷାବୃତ୍ତି କରୁଛୁ ବୋଲି ପଚାରିବାରେ ଶିଶୁ ଜଣକ କହିଥିଲେ, ପଢିବାକୁ ଇଚ୍ଛା ଥିଲେ ମଧ ପ୍ରତିଦିନ ଗାଁକୁ ଗାଁ ବୁଲି ଭିକ୍ଷ ମାଗିବାକୁ ପଡ଼ିଥାଏ। ପଢିବାକୁ କେଉଁ ସ୍କୁଲକୁ ଯିବି ବୋଲି ଓଲଟା ପ୍ରଶ୍ନ ପଚାରିଥିଲେ। ଆମର ଘରଦ୍ୱାର ସ୍ଥାୟୀ ଠିକଣା ନାହିଁ। ପାଠ କିପରି ପଢିବୁ ବୋଲି ସେ କହିଥିଲେ। ତେବେ ଏଭଳି ଅନେକେ ଲୁକ୍କାୟିତ ଶିଶୁ ଜୀବନ ଯନ୍ତ୍ରଣା ସହ ଲଢୁଛନ୍ତି। ଏମାନଙ୍କ ପାଇଁ ପ୍ରଶାସନ ନା ବେସରକାରୀ ଅନୁଷ୍ଠାନ କେହି ଚିନ୍ତା କରୁନାହାନ୍ତି। ଏମାନଙ୍କୁ ଉଦ୍ଧାର କରାଯାଇ ଥଇଥାନ କେନ୍ଦ୍ରରେ ପାଠ ପଢାର ବ୍ୟବସ୍ଥା ଗ୍ରହଣ କରାଗଲେ ଆଗାମୀଦିନରେ ଏହି କୋମଳମତି ଶିଶୁ ଭିକ୍ଷାବୃତ୍ତିରୁ ଓହରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।



ଗାଁକୁ ଗାଁ ବୁଲି ଭିକ୍ଷା ବୃତ୍ତିକୁ ଆପଣାଇଥିବା ଜଣେ ଶିଶୁ।

# ଏସ୍‌ପିଙ୍କୁ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କେନ୍ଦ୍ରାପଡା ଅଫିସ, ୧୬।୪

**ଅମିତାଭଙ୍କୁ ଜୀବନରୁ ମାରିବା ଧମକ ଘଟଣା**

ସୂଚନା ଅଧିକାର କର୍ମୀ ତଥା କେନ୍ଦ୍ରାପଡ଼ା ଜିଲା ଜମ୍ବୁ ସାମୁଦ୍ରିକ ଥାନା ରାମନଗର ଗ୍ରାମର ଅମିତାଭ ଚାନ୍ଦଙ୍କୁ ଜୀବନରେ ମାରିଦେବା ନେଇ ଚାଲିଥିବା ଷଡ଼ଯନ୍ତ୍ର ସମ୍ପର୍କରେ ଜାନୁୟାରୀରେ ଏକ ଅଡିଓ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଜାତୀୟ ମାନବ ଅଧିକାର କମିଶନ କର୍ତ୍ତୃପକ୍ଷଙ୍କୁ ହୋଇଥିବା ଅଭିଯୋଗକୁ ମାର୍ଚ୍ଚ ୩୦ରେ ଶୁଣାଣି କରି ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ ପାଇଁ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଅମିତାଭ ରାମନଗର ରାଜସ୍ୱ ସର୍କଲରେ ଥିବା ଗୋଟିଏ ପରିବାରର ୮ ସଦସ୍ୟ ୪ ପ୍ରକାର ଜାତି ପ୍ରମାଣପତ୍ର ଯୋଗାଡ କରି ବିଭିନ୍ନ ସରକାରୀ ଯୋଜନା ହାତେଇ ଥିବା ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ହାସଲ କରିଥିଲେ। ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ ତଦନ୍ତ ହେବାରୁ ସମ୍ପୃକ୍ତ ପରିବାର ଅମିତାଭଙ୍କୁ ଜୀବନରୁ ମାରିଦେବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ଜମ୍ବୁ ସାମୁଦ୍ରିକ ଥାନାରେ ହୋଇଥିଲା। ପ୍ରମାଣ ସ୍ୱରୂପ ଅଡିଓ କ୍ଲିପ ଓ ଆନୁଷଙ୍ଗିକ କାଗଜପତ୍ର ସେ ଦାଖଲ କରିଥିଲେ। ହୋଇଥିବା ଅଭିଯୋଗର କାର୍ଯ୍ୟାନୁଷ୍ଠାନ ଓ ଅମିତାଭଙ୍କ ଜୀବନ ପ୍ରତି ଥିବା ବିପଦ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ କମିଶନ ପକ୍ଷରୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଶାସନ-ନିମପୁର ସରକାରୀ ଜମିରୁ ବେଆଇନ ମାଟି ଉଠାଣ

ପଟ୍ଟାମୁଣ୍ଡାଇ,୧୬।୪(ସ୍ୱ.ପ୍ର.)



**ପ୍ରଶାସନ ନୀରବଦ୍ରଷ୍ଟା**

ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ଶାସନନିମପୁରଠାରେ ଥିବା ସରକାରୀ ଜମିରୁ ବେଆଇନ ଭାବେ ଶତାଧିକ ଟ୍ରିପ ହାଇୱାରେ ମାଟିବାଲି ଉଠାଣ ଚାଲିଛି। ଏ ସମ୍ପର୍କରେ ଶାସନ ନିମପୁର ଓ ଅଳଭା ଗ୍ରାମବାସୀ ଉକ୍ତିକଣ ବନ୍ୟା ନିରୋଧକ ବନ୍ଧ ପ୍ରତି ବିପଦ ଥିବା ଦର୍ଶାଇ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ମାତ୍ର ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସୂଚନାଯୋଗ୍ୟ, ଅଳଭା ବ୍ରାହ୍ମଣୀ ନଦୀପଠାରୁ ହାଇୱାରେ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ ମାଟିବାଲି ଉଠାଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ ପରେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ମାତ୍ର ଏହାର ୧ କିମି ଦୂରରେ ଠିକାଦାର ବିବାଦୀୟ ସ୍ଥାନରୁ ଜେସିବି ଲଗାଇ ହାଇୱାରେ ମାଟିବାଲି ଉଠାଉଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଏହା ସ୍ଥାନୀୟ ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ପଚାରିବାରେ ସରକାରୀ ରାସ୍ତା କାମ ପାଇଁ ମାଟିବାଲି ଉଠା ଯାଉଛି। ମାଟି ଉଠାଣ ପାଇଁ ତାଙ୍କୁ ଅନୁମତି ଦିଆଯାଇଛି। ଏଥିରେ ବନ୍ୟା ନିରୋଧ ବନ୍ଧ ପ୍ରତି କିମ୍ବା ଗ୍ରାମବାସୀଙ୍କ ପାଇଁ କିଛି ସମସ୍ୟା ହେବନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଯେଉଁ ଠିକାଦାରମାନେ ଟେଣ୍ଡର ପାଇ ସରକାରୀ କାମ କରୁଛନ୍ତି ଦୂରରୁ ମାଟି ଆଣିବାକୁ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନକୁ ହାତ କରି ବେଆଇନ ଭାବେ ସରକାରୀ ଜମିରୁ ବିନା ମୂଲ୍ୟରେ ମାଟି ଉଠାଯିବା ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ସାମାଜିକ କର୍ମୀ ମିଟୁ ଦାଶ କୁହନ୍ତି, ବ୍ରାହ୍ମଣୀ ନଦୀପଠାରୁ ବେଆଇନ ବାଲିମାଟି ଉଠାଣ ବନ୍ଦ ରହିଛି। ମାତ୍ର ଏହାର ୧ କିମି ଦୂରରେ ଶାସନନିମପୁରରୁ କିପରି ବେଆଇନ ଭାବେ ମାଟି ଉଠାଣ ହେଉଛି ସେଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି।

# ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ରାଜନଗର, ୧୬।୪(ଡି.ଏନ.ଏ.)

**ପେଣ୍ଠ ବେଳାଭୂମିରୁ ପ୍ରେମୀଯୁଗଳଙ୍କ ମୃତଦେହ ମିଳିବା ଘଟଣା**

ରାଜନଗର ଥାନା ପେଣ୍ଠ ବେଳାଭୂମିରୁ ଗତ ୯ ତାରିଖରେ ପ୍ରେମୀ ଯୁଗଳଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ୮ ଦିନ ପରେ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ମୃତ ପ୍ରେମୀ ଯୁଗଳଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଆଧାର କରି ପୋଲିସ ଦଫା ୩୦୨, ୫୦୬, ୫୦୯, ୩୪ ଆଇପିସିରେ ନଂ. ୧୭୬/୨୧ରେ ମାମଲା ରୁଜୁ କରିଥିଲା। ପରିବାର ଲୋକଙ୍କ ଅଭିଯୋଗ ପାଇବା ପରେ ପୋଲିସ ସ୍ଥାନୀୟ ପୂର୍ତ୍ତ ବିଭାଗରେ ଅସ୍ଥାୟୀ ଭାବେ କାମ କରୁଥିବା ରାଜନଗର ଗାଁର ଦୁଇ ଯୁବକ ମୁନା ସିଂ, ଲିପୁ ସାମନ୍ତରାୟଙ୍କୁ ଥାନାକୁ ଉଠାଇ ଆଣି ତଦନ୍ତ ଜାରି ରଖିଥିଲା। ୮ ଦିନ ପରେ ପୋଲିସ ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ପରେ ଘଟଣାଟି ହତ୍ୟା ନୁହେଁ ବରଂ ଗିରଫ ଦୁଇ ଅଭିଯୁକ୍ତଙ୍କ ମାନସିକ ଚାପରେ ପ୍ରେମୀ ଯୁଗଳ ଆତ୍ମହତ୍ୟା କରିଛନ୍ତି। ତଦନ୍ତରୁ ଏହା ଜାଣିବା ପୋଲିସ ହତ୍ୟା ଜନିତ ଦଫା ୩୦୨କୁ ବାଦ ଦେଇ ଆତ୍ମହତ୍ୟା ପାଇଁ ବାଧ କରିଥିବା ଦଫା ୫୦୬, ୫୦୯, ୨୯୪ ଓ ୩୪ ଆଇପିସିରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଥାନା ଚନ୍ଦନନଗର ପଞ୍ଚାୟତ ଦେଉଳି ଗ୍ରାମର ଇପ୍‌ସିତା ମହାନ୍ତି ଏବଂ ରାଜନଗର ଥାନା ଓସ୍ତିଆ ଗ୍ରାମର ପ୍ରଶାନ୍ତ ପାତ୍ରଙ୍କ ମୃତଦେହ ଗତ ୯ ତାରିଖରେ ବେଳାଭୂମିରୁ ପୋଲିସ ଜବତ କରିଥିଲା। ମୃତକ ଦୁଇ ପ୍ରେମୀଯୁଗଳ ୭ ତାରିଖଠାରୁ ନିଖୋଜ ଥିଲେ। ୮ ତାରିଖରେ ଇପ୍‌ସିତାଙ୍କ ଅଜା ରାଜନଗର ଥାନାରେ ନିଖୋଜ ନେଇ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ମୃତ ପ୍ରଶାନ୍ତଙ୍କ ବାପା ଭୁବନେଶ୍ୱର କ୍ୟାପିଟାଲ ଥାନାରେ ସେହିଦିନ ନିଖୋଜ ନେଇ ଅଭିଯୋଗ କରିଥିଲେ। ମୃତଦେହ ମିଳିବା ପରେ ଉଭୟ ପରିବାର ପକ୍ଷରୁ ମୁନା ଓ ଲିପୁ ସେମାନଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିବା ସହ ରାସ୍ତାରୋକୋ କରିଥିଲେ। ପୋଲିସ ଏହି ଦୁଇଜଣଙ୍କୁ ଥାନାକୁ ଆଣି ସେମାନେ ବ୍ୟବହାର କରୁଥିବା ମୋବାଇଲ କଲ ରେକର୍ଡ, ଭାଇରାଲ ହୋଇଥିବା ଅଡିଓ ରେକର୍ଡ ଓ ଅନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିଥିଲେ। ମୃତ ପ୍ରେମୀଯୁଗଳଙ୍କ ବ୍ୟବଚ୍ଛେଦ ରିପୋର୍ଟ ଶୁକ୍ରବାର ସୁଦ୍ଧା ଆସିନାହିଁ। ଜବତ ହୋଇଥିବା ମୃତ ପ୍ରେମୀ ଯୁଗଳଙ୍କ ଶରୀର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କ୍ଷତ ଚିହ୍ନ, ପାଟି ଓ ନାକରୁ ରକ୍ତ ବାହାରିବା ଘଟଣା ଏବେ ବି ରହସ୍ୟାବୃତ ରହିଛି।

## ସଂକ୍ଷେପରେ

### ଗାଁ ଭିତରୁ ଖୁରାଣ୍ଟି ଉଦ୍ଧାର



ଚଣ୍ଡିଖୋଲ,୧୬।୪(ଡି.ଏନ.ଏ.): ବୈରୀ ଡାଳିଯୋଡ଼ା ରେଞ୍ଜ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମରେ ଶୁକ୍ରବାର ଏକ ଖୁରାଣ୍ଟିକୁ ଲୋକେ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଗ୍ରାମର ଚିତ୍ତରଞ୍ଜନ ଦାସଙ୍କ ବାଡ଼ିରେ ନିକଟସ୍ଥ ଜଙ୍ଗଲରୁ ଏକ ଖୁରାଣ୍ଟି ଆସି ଶୋଇପଡ଼ିଥିଲା। ଖୁରାଣ୍ଟିକୁ ଦେଖି କୁକୁରପଲ ଗୋଡ଼ାଇବାରୁ ସେ ଦୌଡ଼ିଥିଲା। ଏହି ସମୟରେ ଗାଁର କେତେଜଣ ଯୁବକ ଖୁରାଣ୍ଟିକୁ ଉଦ୍ଧାର କରିଥିଲେ। ପରେ ଚଣ୍ଡିଖୋଲ ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ଶଶିଭୂଷଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଆସି ଖୁରାଣ୍ଟିକୁ ନେଇ ଚିକିତ୍ସା କରିବା ପରେ ଜଙ୍ଗଲରେ ଛାଡ଼ ଦେଇଛନ୍ତି। ତେବେ ଜଙ୍ଗଲରେ ପାଣି ଅଭାବ ଯୋଗୁ ଏମାନେ ଗ୍ରାମାଭିମୁଖୀ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଧର୍ମଶାଳା,୧୬।୪(ଡି.ଏନ.ଏ.): ଜେନାପୁର ଥାନା ପନ୍ତୁରୀ ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନରେ ଜାରକାରୁ ଚଢେଇଧରାସ୍ଥିତ ଜମ୍ବୁ ଢାବାକୁ ସ୍କୁଟି ଯୋଗେ ଗଡ଼ମଧୁପୁରର ପୂର୍ବତନ ସରପଞ୍ଚ ପଦ୍ମାବତୀ ସିଂ ସାମନ୍ତ ଓ ତାଙ୍କ ଝିଅ ଶ୍ରଦ୍ଧା ଜେନାମଣି ଯାଉଥିଲେ। ଏହି ସମୟରେ ପନ୍ତୁରୀ ନିକଟରେ ଜଣେ ଦୁର୍ବୃତ୍ତ ବାଇକରେ ଆସି ପଦ୍ମାବତୀଙ୍କ ଚେନ ଲୁଟି ନେଇଥିଲେ। ଲୁଟ ପରେ ଦୁର୍ବୃତ୍ତ ଜଣକ ଗଡମଧୁପୁର ଅଭିମୁଖେ ଫେରାର ହୋଇଯାଇଥିଲେ। ପଦ୍ମବତୀ ତାଙ୍କ ସ୍ୱାମୀ ଜତିପ୍ରକାଶ ଜେନାମଣିଙ୍କ ନିକଟକୁ ପିଠା ନେଇ ଯାଉଥିଲେ। ଏନେଇ ଥାନାରେ ପଦ୍ମାବତୀ ଲିଖିତ ଆଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ହେଁ ଦୁର୍ବୃତ୍ତର ଟେର ପାଇନାହିଁ। ପୂର୍ବରୁ ମଧ୍ୟ ଏହି ରାସ୍ତାରେ ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ ଦୁର୍ବୃତ୍ତ ସୁନା ଚେନ ଲୁଟ କରିଥିଲେ। ତେବେ ବାରମ୍ବାର ଛିନତାଇ ଘଟଣା ଘଟୁଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

### ଦୁର୍ଘଟଣାର ଶିକାର କ୍ରୀଡ଼ା ଶିକ୍ଷକଙ୍କ ମୃତ୍ୟୁ

ଧର୍ମଶାଳା,୧୬।୪(ଡି.ଏନ.ଏ.): ଧର୍ମଶାଳା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୌମ୍ୟ ପ୍ରତାପ ସିଂ(୨୮)ଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ଗତ ୧୧ତାରିଖରେ ସେ ବାଇକ୍ ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ ନଷ୍ଟ ହୋଇଥିବାରୁ ଡାକ୍ତର ଗୋଡ଼କୁ କାଟି ଦେଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ମୃତ୍ୟୁ ଘଟିଛି। ଏନେଇ ମହାବିଦ୍ୟାଳୟ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଅଧକ୍ଷ ତପନ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକସଭାରେ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ଗଭୀର ଶୋକବ୍ୟକ୍ତ କରିଥିଲେ। ଏଥିସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଅଜିତଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା,୧୬।୪(ଡି.ଏନ.ଏ.): ପିପିଲି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ବିୟୋଗରେ ଧର୍ମଶାଳା କଂଗ୍ରେସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଶୁକ୍ରବାର ଅପରାହ୍ନରେ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ କିଶାନ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ କର୍ମୀମାନେ ଯୋଗଦେଇ ମଙ୍ଗରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ ବରିଷ୍ଠ ନେତା ବସନ୍ତ ପରିଡ଼ା, ସୁଧାକର ରାଉତ, ପ୍ରଫୁଲ ରାୟ, ନରୋତ୍ତମ ନାୟକ, ନକୁଳ ଜେନା, ମିଲି ମଲିକ, ସାଗର ରାୟ, ବିଜୟ ବେହେରା, ଅମରେନ୍ଦ୍ର ସାମଲ ଓ ଅନନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଭଙ୍ଗାରୁଜା



ପୋଲିସ ପହଞ୍ଚି ଅଶାନ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରୁଛି।



ଛାତ୍ରୀଛାତ୍ର କଲେଜର ଆସବାବପତ୍ର ଭାଙ୍ଗିଦେଇଛନ୍ତି।

## ଏନ୍‌ସି କଲେଜରେ ଛାତ୍ର ଅଶାନ୍ତି

ଯାଜପୁର ଟାଉନ,୧୬।୪(ଡି.ଏନ.ଏ.)

ଯାଜପୁର ଟାଉନସ୍ଥିତ ଏନ୍‌ସି କଲେଜରେ ଶୁକ୍ରବାର ଅନଲାଇନ୍ ପରୀକ୍ଷା ଦାବି ନେଇ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଛି। ଛାତ୍ର ଅରୁଣ କୁମାର ନାୟକ, ଉଦିତା ମାନ୍ଧାତା ପ୍ରମୁଖଙ୍କ କହିବାନୁସାରେ ଆସନ୍ତା ୨୨ରେ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବାକୁ ଥିଲା। କିନ୍ତୁ ଆସନ୍ତା ୧୯ରୁ ସମସ୍ତ ପରୀକ୍ଷା ଓ ପାଠପଢ଼ାକୁ ରାଜ୍ୟ ସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରି ଦେଇଛନ୍ତି। ଏ ନେଇ କଲେଜ ଅଧକ୍ଷଙ୍କୁ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ଦଳ ଭେଟି ୨୨ ତାରିଖରେ ହେବାକୁ ଥିବା ପରୀକ୍ଷା ବାତିଲ ହୋଇ ଯାଇଥିବାରୁ ପୁଣି କେବେ ପରୀକ୍ଷା ହେବ ସେମାନଙ୍କୁ ଜଣାଇବା ଏବଂ କରୋନାକୁ ଦୃଷ୍ଟିରେ ରଖି ଅଫ୍‌ଲାଇନ ପରିବର୍ତ୍ତେ ଅନଲାଇନରେ ପରୀକ୍ଷା କରିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀଛାତ୍ର ଲିଖିତ ଭାବେ ଭାରପ୍ରାପ୍ତ ଅଧକ୍ଷ ଫକୀର ମୋହନ ମଲ୍ଲିକଙ୍କୁ ଏ ସମ୍ପର୍କରେ ଜଣାଇ ସ୍ପଷ୍ଟୀକରଣ ଚାହୁଁଥିବା ବେଳେ ଅଧକ୍ଷ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଛାତ୍ରୀଛାତ୍ର କଲେଜର ମୁଖ୍ୟ ପ୍ରବେଶ ଦ୍ୱାରକୁ ବନ୍ଦ କରି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ କରାନଯାଇ ପୂର୍ବ ନିର୍ଦ୍ଧାରିତ ୨୨ ତାରିଖ କିମ୍ବା ଶୀଘ୍ର ଅନଲାଇନରେ କରିବା ପାଇଁ ଛାତ୍ରୀଛାତ୍ର ଅଡ଼ି ବସିବା ସହିତ କେତେକ କଲେଜର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଖବର ପାଇ ଯାଜପୁର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। କଲେଜ କର୍ତ୍ତୃପକ୍ଷ ଅନ୍‌ଲାଇନ ପରୀକ୍ଷା ପାଇଁ ତାରିଖ ଘୋଷଣା ନ କରିବା ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଧକ୍ଷ ମଲ୍ଲିକ କହିଛନ୍ତି, ଅନ୍‌ଲାଇନରେ ପରୀକ୍ଷା କରିବା କ୍ଷମତା ତାଙ୍କର ନାହିଁ। ଏହା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ପରିସରଭୁକ୍ତ। ତେବେ ପିଲାଙ୍କ ଦାବିକୁ ନେଇ ସେ ଉଚ୍ଚ ଶିକ୍ଷା ବିଭାଗକୁ ଜଣାଇବେ। ସେଠାରୁ ନିର୍ଦ୍ଦେଶ ଆସିଲେ ଯାହା କିଛି କରାଯିବ ବୋଲି ମଲ୍ଲିକ କହିବା ସହିତ ମୋ ପିଲାଙ୍କୁ କେବେ ଦୁର୍ବ୍ୟବହାର କରିପାରିବି ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ କଲେଜର ସମ୍ପତ୍ତି ନଷ୍ଟ କରିଥିବାରୁ ସମ୍ପୃକ୍ତ ଛାତ୍ରମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

# ଯୁବତୀ ଅପହରଣ, ଯୁବକଙ୍କ ପରିବାରକୁ ଧମକ

ରସୁଲପୁର,୧୬।୪(ଡି.ଏନ.ଏ.)

କୁଆଖିଆ ଥାନା ଅଧୀନ ବଡ଼କଇଁଚି ପଞ୍ଚାୟତ ଗୋପୀନାଥପୁର ଗ୍ରାମର ସେଲୁନ ଦୋକାନୀ ସନ୍ତୋଷ ବାରିକ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଯୁବତୀଙ୍କ ପରିବାର ସନ୍ତୋଷଙ୍କ ପରିବାରକୁ ଧମକ ଦେଉଛନ୍ତି। ତୁରନ୍ତ ଝିଅକୁ ଆଣି ହାଜର ନ କଲେ ତମ ପରିବାରକୁ ଜୀବନରୁ ମାରିଦେବୁ ବୋଲି ଧମକ ଦେଉଥିବା ସନ୍ତୋଷଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ସେମାନଙ୍କୁ ଏଥିରେ ସହଯୋଗ କରୁ ନ ଥିବା ସନ୍ତୋଷଙ୍କ ମା' ସାବିତ୍ରୀ କହିଛନ୍ତି। ପୋଲିସ ଅଭିଯୋଗ ଆଧରରେ ମାମଲା ରୁଜୁ ନ କରି ତାଙ୍କ ପରିବାର ଲୋକଙ୍କୁ ଥାନାରେ ଦିନତମାମ ବସାଉଛି। ତେବେ ସେମାନେ ଥାନାରୁ ନ୍ୟାୟ ନ ପାଇଲେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ସନ୍ତୋଷ ଓ ସମ୍ପୃକ୍ତ ଯୁବତୀ ୬ ତାରିଖରୁ ଫେରାର ଅଛନ୍ତି। ମାତ୍ର ସନ୍ତୋଷ ଯୁବତୀଙ୍କୁ ଅପହରଣ କରିଥିବା ଯୁବତୀଙ୍କ ବାପା ଜାଣିବା ପରେ ସନ୍ତୋଷଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ତୁରନ୍ତ ତାଙ୍କ ଝିଅକୁ ଆଣି ହସ୍ତାନ୍ତର ନ କଲେ ନିଆଁ ଲଗାଇ ପୋଡି ମାରିଦେବେ ବୋଲି ଧମକ ଦେଇଛନ୍ତି। ଯୁବତୀଙ୍କ ପରିବାର ପ୍ରଭାବଶାଳୀ ହୋଇଥିବାରୁ ଆମ ଜୀବନ ପ୍ରତି ବିପଦ ରହିଛି ବୋଲି ସାବିତ୍ରୀ କହିଛନ୍ତି। ଅପରପକ୍ଷରେ ଯୁବତୀଙ୍କ ବାପାଙ୍କ ଅଭିଯୋଗ ହେଲା ସନ୍ତୋଷ ହିଁ ତାଙ୍କ ଝିଅକୁ ଅପହରଣ କରିଛନ୍ତି। ମାତ୍ର ଥାନାରେ ଅଭିଯୋଗ ନ କରିବାକୁ ସନ୍ତୋଷଙ୍କ ପରିବାର ତାଙ୍କ ଉପରେ ଚାପ ପକାଇଥିଲେ। ଏଥିରେ ବ୍ୟତିକ୍ରମ ହେଲେ ମାଡ଼ ମାରିବାକୁ ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଯୁବତୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି, ଯୁବତୀଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ବଳରେ ମାମଲା ରୁଜୁ କରାଯାଇଛି। ତେବେ ଫେରାର ଯୁବତୀଯୁବକ ପ୍ରାପ୍ତ ବୟସ୍କ। ଧରା ପଡ଼ିବା ପରେ ସେମାନଙ୍କ ବୟାନ ରେକର୍ଡ କରାଯିବ। ଏହାପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ୧୦୯ ଜଣଙ୍କୁ ୩ ଲକ୍ଷ ୩୧ହଜାର ପ୍ରଦାନ

## ସ୍ୱଳ୍ପ ସଞ୍ଚୟ ଲଟେରି

ଯାଜପୁର ଟାଉନ,୧୬।୪(ଡି.ଏନ.ଏ.)

ସ୍ୱଳ୍ପ ସଞ୍ଚୟ ଏକ ଉପାଦେୟ ଓ ଉତ୍ସାହପ୍ରଦ ଯୋଜନା। ସେଥିପାଇଁ ସ୍ୱଳ୍ପ ସଞ୍ଚୟ ବ୍ୟବସ୍ଥା କରାଯାଇଛି। ଏହି ସଞ୍ଚୟ ମାଧ୍ୟମରେ ନିଜ ଜମା ଅର୍ଥର ସୁଧ ମୂଳ ମିଳୁଥିବା ବେଳେ ଅତିରିକ୍ତ ଭାବେ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଲଟେରି ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ସ୍ୱଳ୍ପ ସଞ୍ଚୟ ଯୋଜନାର ଲଟେରି ଏ.କ୍ୟୁ. ସିରିଜ ମାଧ୍ୟମରେ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ପାଇଥିବା କୁଆଁରପୁର, ରାମବାଗର ଯୁଗ୍ମ ସଞ୍ଚୟକାରୀ ବଳରାମ ପଣ୍ଡା ଓ ବସନ୍ତ ମଞ୍ଜରୀ ପଣ୍ଡାଙ୍କୁ ମହାନ୍ତି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏନଏସସି ବା ଜାତୀୟ ସଞ୍ଚୟ ସାର୍ଟିଫିକେଟ କରିଥିବା ଉଭୟଙ୍କ ସଞ୍ଚୟ ମନୋଭାବକୁ ଅତିରିକ୍ତ ଜିଲାପାଳ ପ୍ରଶଂସା କରିଥିଲେ। ଉପସ୍ଥିତ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ଚଳିତ ଏ କ୍ୟୁ ସିରିଜରେ ଜିଲାର ମୋଟ ୧୦୯ ଜଣଙ୍କର ଲଟେରି ଉଠିଥିବା କହିଥିଲେ। ଏଥିରେ ଜଣେ ୪ର୍ଥ ପୁରସ୍କାର ଭାବେ ୫୦ ହଜାର ଟଙ୍କା, ୫ମ ପୁରସ୍କାର ଭାବେ ଜଣେ ୧୦ ହଜାର ଟଙ୍କା, ୬ଷ୍ଠ ପୁରସ୍କାର ଭାବେ ୧୯ ଜଣଙ୍କୁ ୫ ହଜାର ଓ ୭ମ ପୁରସ୍କାର ଭାବେ ୨ ହଜାର ଟଙ୍କା ଲେଖାଏଁ ୮୮ ଜଣଙ୍କର ଲଟେରି ଉଠିଥିବା ସୂଚନା ଦେଇଥିଲେ।

# ଲୋଡିଂ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦାବି




ଖଣି ଶ୍ରମିକ ସଂଘର ଖବରଦାତା ସମ୍ମିଳନୀ।

## ୨୩ରେ ଆନ୍ଦୋଳନ ନିଷ୍ପତ୍ତି

କାଳିଆପାଣି,୧୬।୪(ଡି.ଏନ.ଏ.)

ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳରେ ବେରୋଜଗାର ଶ୍ରମିକମାନଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। କାଳିଆପାଣି ସ୍ଥିତ ଶ୍ରମିକ ସଂଘ ଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶ୍ରମିକ ପ୍ରତିନିଧିମାନେ ଆସନ୍ତା ୨୩ ତାରିଖରେ ଟାଟା ଷ୍ଟିଲ ମାଇନିଂ ଲିଃ (ଟିଏମ୍‌ଏମ୍‌ଏଲ୍)ର ୩ ଗେଟ୍ ସମ୍ମୁଖରେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ସୁକିନ୍ଦା ଟାଟା ଷ୍ଟିଲ, କମର୍ଦ୍ଦା, ସାରୁଆବିଲ ଖଣିରେ କ୍ରୋମାଇଟ ଲୋଡିଂ କରୁଥିବା ଶ୍ରମିକମାନେ ୨୦୨୦ ମାର୍ଚ୍ଚରୁ ଛଟେଇ ହୋଇ ବସିଛନ୍ତି। ତେବେ ସରକାରଙ୍କ ଟେଣ୍ଡର ପ୍ରକ୍ରିୟାରେ ଏହି ୩ ଖଣିକୁ ଟିଏମ୍‌ଏମ୍‌ଏଲ୍ ଲିଜ୍ ଆକାରରେ ପାଇଥିଲା। ତଦନୁସାରେ କ୍ରୋମାଇଟ ପରିବହନ ଏବେ ସ୍ୱାଭାବିକ ହୋଇଛି। ତେବେ ୩ ଖଣିରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଶତାଧିକ ଲୋଡିଂ ଶ୍ରମିକଙ୍କୁ କାର୍ଯ୍ୟ ନ ଦେବାରୁ ସେମାନେ ଆର୍ଥିକ ଅନଟନର ଶିକାର ହୋଇଛନ୍ତି। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଶ୍ରମିକମାନଙ୍କ ପୁନଃ ନିଯୁକ୍ତିକୁ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରି ବିଫଳ ହେବା ପରେ ଏପରି ଚରମ ପଦକ୍ଷେପ ନେଇଥିବା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଅବସରରେ ପଞ୍ଚାନନ ପାତ୍ର, ରଥୁ ମହାନ୍ତ, ବିଦ୍ୟାଧର ପାତ୍ର, କଳାକର ଦେହୁରୀ, କିଷାନ ମୁଣ୍ଡ, ସାରୁଆବିଲ ଖଣି ଶ୍ରମିକ ପ୍ରତିନିଧି ଦ୍ୱାରିକାନାଥ ଦାସ, ଜମାଦାର ବାନରା, ମଦନ ତନ୍ତି, କମର୍ଦ୍ଦା ଖଣିର ଜର୍ମାନୀ ଦାଶ, ମହେଶ୍ୱର ଦାସ, ମୁନିନ୍ଦ୍ର ତନ୍ତି ପ୍ରମୁଖ ନିଜ ନିଜ ମତ ରଖିଥିଲେ। ଏନେଇ କମ୍ପାନୀ ପ୍ରଶାସନିକ ଏଜିଏମ୍ ଗୌତମ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ସେ କୁହନ୍ତି, ଏବେ କୋଭିଡ୍ କଟକଣା ହୋଇଥିବାରୁ ଆଗାମୀ ଦିନରେ ଆବଶ୍ୟକ ଅନୁଯାୟୀ ନିଯୁକ୍ତି ଦିଆଯିବ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ବିଞ୍ଝାରପୁର,୧୬।୪(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ଅରେଇ ପଞ୍ଚାୟତ ସରପଞ୍ଚ ଦେବାନନ୍ଦ ମଲିକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ପଞ୍ଚାୟତର ସଂଖ୍ୟାଧିକ ୱାର୍ଡ ସଭ୍ୟାସଭ୍ୟା ଅନାସ୍ଥା ପ୍ରସ୍ତାବକୁ ଉପଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ସରପଞ୍ଚ ମଲିକ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଜାଲିଆତିକରି ପାଖାପାଖି ୪୦ଲକ୍ଷ ଟଙ୍କା ଆତ୍ମସାତ କରିଥିବା ୱାର୍ଡ ସଭ୍ୟାସଭ୍ୟ ଅଭିଯୋଗ କରିବାସହ ଏହାର ପ୍ରତିବାଦ କରିବାରୁ ସରପଞ୍ଚ ମଲିକ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଖାଲି ସେତିକି ନୁହେଁ ସରପଞ୍ଚ ମଲିକ ପଞ୍ଚାୟତର ପିଇଓଙ୍କୁ ମାଡ଼ ମାରିବାସହ ଜଣେ ବରିଷ୍ଠ ନାଗରିକ ତଥା ୱାର୍ଡସଭ୍ୟଙ୍କୁ ମାଡ଼ ମରିଥିବା ନେଇ ୨ଟି ମାମଲା ଥାନାରେ ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ସରପଞ୍ଚଙ୍କ ବିରୋଧରେ ବାରମ୍ବାର ଅଭିଯୋଗ କରିବା ସହ ୧୧ଜଣ ୱାର୍ଡ ସଭ୍ୟାସଭ୍ୟ ନିଜ ପଦବୀରୁ ଇସ୍ତଫା ଦେଇଥିଲେ ମଧ୍ୟ ପ୍ରଶାସନ ସରପଞ୍ଚଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଯାହାକୁ ନେଇ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଯାହାର ପରିଣାମ ସ୍ୱରୂପ ଶୁକ୍ରବାର ପୂର୍ବାହ୍ନରେ ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ଯେନା, ପାର୍ବତୀ ସେଠୀ, ମାଳତୀ ସାହୁ, ମେଘନାଦ ଯେନା, କବିତା ନାୟକ, ପୁରୁଷୋତ୍ତମ ମଲିକ, ତପସ୍ୱିନୀ ଯେନା, ଅରୁନ୍ଧତୀ ନାୟକ, ବିକାଶ କୁମାର ସ୍ୱାଇଁ, ରଶ୍ମିରାଣୀ ବେହୁରିଆ ପ୍ରମୁଖ ତୁରନ୍ତ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଏକ ସ୍ୱାକ୍ଷର ସମ୍ମିଳିତ ଦସ୍ତାବିଜ ଉପଜିଲାପାଳଙ୍କ ନିକଟକୁ ପଠାଇଛନ୍ତି।



ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ୱାର୍ଡ ସଭ୍ୟାସଭ୍ୟ।

# ବ୍ୟାରେଜ ପାଇଁ ମୂଲ୍ୟବାନ କୀର୍ତ୍ତିରାଜି ନଷ୍ଟ

## ଦେବୀଗଡ଼ାରୁ ପୁଣି ପ୍ରାଚୀନ ମୂର୍ତ୍ତି, କୀର୍ତ୍ତିରାଜି ଉଦ୍ଧାର

ଯାଜପୁର ଟାଉନ,୧୬।୪(ଡି.ଏନ.ଏ.):

ସରକାର ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା ଓ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି। ମାତ୍ର ଏସବୁ ଅର୍ଥ କାଗଜକଲମରେ ବ୍ୟୟ କରାଯାଇ ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀ ଓ ଠିକାଦାର କୋଟି କୋଟି ଟଙ୍କାର ମୁନାଫା କମାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଯାଜପୁର ଜିଲା ବୈତରଣୀ ନଦୀରୁ ବାଲି ଖନନ ଏବଂ ଦେବୀଗଡ଼ା ଘାଟରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ବହୁ ପ୍ରାଚୀନ କୀର୍ତ୍ତିରାଜି ଠାବ ହେଲାଣି। ହେଲେ ଏସବୁକୁ ଜାଣିଶୁଣି ନଷ୍ଟ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଯାଜପୁର ସହର ଓ ଆଖପାଖରେ ବହୁ ବର୍ଷ ହେଲା ଅନେକ ପ୍ରାଚୀନ କୀର୍ତ୍ତିରାଜି ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ବିପୁଳ ମୂର୍ତ୍ତି ଓ କୀର୍ତ୍ତିରାଜି ବିଦେଶକୁ ରପ୍ତାନୀ ହୋଇଥିବା ସନ୍ଦେହ କରାଯାଉଛି। କୀର୍ତ୍ତିରାଜିରେ ଭରପୂର ସଦର ବ୍ଲକ ପଣସା-ପାଟପୁରଠାରୁ ସିଦ୍ଧେଶ୍ୱର ଯାଏ ଦୀର୍ଘ ୭/୮ କି.ମି. ମଧ୍ୟରେ ବହୁ ପ୍ରାଚୀନ କୀର୍ତ୍ତିରାଜି ଠାବ ହୋଇଛି। ସିଦ୍ଧେଶ୍ୱର ନିକଟରେ ଏକ ଛୋଟ ମନ୍ଦିର ଢାଞ୍ଚା ଓ ଶିବଲିଙ୍ଗ ତଥା ବୌଦ୍ଧ ସ୍ତୁପଗୁଡ଼ିକ ମାର୍ଚ୍ଚ ୧୫ରେ ଉଦ୍ଧାର କରାଯାଇଥିଲା। ବାଲି ଲିଜଧାରୀଙ୍କ ଜେସିବିରେ ସମ୍ପୃକ୍ତ କୀର୍ତ୍ତିରାଜି କିଛିଟା ଭାଙ୍ଗି ଯାଇଥିବା ବେଳେ ଏନେଇ ଜିଲା ପ୍ରଶାସନ ଏବଂ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ସେହି ସ୍ଥାନକୁ ଏଯାଏ କେହି ଆସିନାହାନ୍ତି। ମାର୍ଚ୍ଚ ୨୩ରେ ଦେବୀଗଡ଼ା ଘାଟରୁ ପୁଣି ମୁଗୁନିରେ ତିଆରି ବାସୁଆ ବଳଦ ଓ ମହାଦେବ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ଏବେ ପୁଣି ତୃତୀୟ ଥର ବ୍ୟାରେଜ ପାଇଁ ନଦୀ ଶଯ୍ୟା ଖନନ ସମୟରେ ଶୁକ୍ରବାର ଦେବୀ ଗଡ଼ା ଘାଟରୁ ଏକ ବିଶାଳ ପୂର୍ଣ୍ଣାବୟାବ ମୂର୍ତ୍ତି ଭଗ୍ନ ଅବସ୍ଥାରେ ମିଳିଛି। ଏହି ମୂର୍ତ୍ତିଟି ଦକ୍ଷିଣ ଭାରତୀୟ ମନ୍ଦିରରେ ପୂଜା ପାଇଲା ଭଳି ଏକ ମୂର୍ତ୍ତି ହୋଇଥିବା ବେଳେ ଏହାର ଦୁଇ ପାର୍ଶ୍ୱରେ ଗରୁଡ଼ ଓ ଦ୍ୱାରପାଳ ରହିଛନ୍ତି। ପଛପଟେ ମଧ ମେରାବୀ ଭଳି କାରୁକାର୍ଯ୍ୟର ପ୍ରସ୍ତର ରହିଛି। ଏହାକୁ ନାରାୟଣଙ୍କ ପ୍ରତିମୂର୍ତ୍ତି କୁହାଯାଉଥିବା ବେଳେ ଏହା ମଧ୍ୟରେ ସୁକ୍ଷ୍ମ କାରୁକାର୍ଯ୍ୟ ହୋଇଛି। କେବଳ ସେତିକି ନୁହେଁ ଗୋଟିଏ ପଥରରେ ନିର୍ମିତ ଝରକା ମଧ ଖନନ ବେଳେ ଉଦ୍ଧାର କରାଯାଇଛି। ବ୍ୟାରେଜ କାର୍ଯ୍ୟ ସମୟରେ ଉଦ୍ଧାର ହେଉଥିବା କୀର୍ତ୍ତିରାଜକୁ ସଂପୃକ୍ତ ଠିକା ସଂସ୍ଥା କିମ୍ବା ବ୍ୟାରେଜ ନିର୍ମାଣ କରୁଥିବା ଲାଇନ ଡିପାର୍ଟମେଣ୍ଟ ରକ୍ଷଣାବେକ୍ଷଣ କରିବା କଥା। ମାତ୍ର ଏମାନେ ସେସବକୁ ସାଧାରଣ ପଥର ପରି ଏଣେତେଣେ ଫିଙ୍ଗି ଦେଉଥିବା ଦେଖିବାକୁ ମିଳିଛି। ମୂର୍ତ୍ତି ଉଦ୍ଧାର ସ୍ଥାନଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ୨ଶହ ମିଟର ଦୂରରେ ଅବସ୍ଥିତ। ମାତ୍ର ଜିଲାପାଳ କିମ୍ବା ପ୍ରଶାସନର କୌଣସି ବରିଷ୍ଠ ପଦାଧିକାରୀ ଏଯାଏ ଏହି ସ୍ଥାନକୁ ଆସିନାହାନ୍ତି। ପ୍ରତ୍ନତାତ୍ତ୍ୱିକ ବିଭାଗକୁ ସିଦ୍ଧେଶ୍ୱର ଓ ଦେବୀଗଡ଼ାର ୨୩ ମାର୍ଚ୍ଚ ଘଟଣା ପରେ ଦୁଇଥର ଜିଲା ପ୍ରଶାସନ ଅବଗତ କରିଥିବା କୁହାଯାଉଛି। କିନ୍ତୁ ୩୦ ଦିନ ପରେ ବି ପ୍ରତ୍ନତାତ୍ତ୍ୱିକ ବିଭାଗ ଘଟଣାସ୍ଥଳକୁ ନ ଆସିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ପୁରାତନ କୀର୍ତ୍ତିରାଜି ଯୋଗୁ ବ୍ୟାରେଜ କାର୍ଯ୍ୟ ବନ୍ଦ ହୋଇଯିବ ଆଶଙ୍କା କରି ପ୍ରଶାସନ ଓ ସରକାର ଏହି କୀର୍ତ୍ତିରାଜିର ଠାବକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଅନେକ ଐତିହାସିକ ମତବ୍ୟକ୍ତ କରିଛନ୍ତି। ବ୍ୟାରେଜ ଖନନ ସମୟରେ ଉଦ୍ଧାର ଅନେକ କୀର୍ତ୍ତିରାଜିକୁ ଠିକା ସଂସ୍ଥା ପୁଣି ନଷ୍ଟ କରିବା ସହ ପୋତି ଦେଉଥିବା ଅଭିଯୋଗ ହେଉଛି। ଯେଉଁଗୁଡ଼ିକ ସ୍ଥାନୀୟ ଲୋକଙ୍କ ଦୃଷ୍ଟିରେ ପଡୁଛି କେବଳ ସେହି ଗୁଡ଼ିକ ହିଁ ବାହାରେ ଫିଙ୍ଗି ଦିଆଯାଉଛି। ଏ ସ୍ଥାନରେ ଆହୁରି ବିପୁଳ ମୂଲ୍ୟବାନ କୀର୍ତ୍ତିରାଜି ମାଟି ତଳେ ରହିଥିବାର ଅନୁମାନ କରାଯାଉଛି। ତେଣୁ ଏସବୁକୁ ସଂରକ୍ଷଣ ପାଇଁ ସରକାର ଗୁରୁତ୍ୱ ଦେବାକୁ କଂଗ୍ରେସ ନେତା ଶିଶିର ନାୟକ, ଜିଲା ପରିଷଦ ପୂର୍ବତନ ଉପାଧକ୍ଷ ଦିଗମ୍ବର କର, ଗବେଷକ ନାରାୟଣ ଚନ୍ଦ୍ର ରାଉତରାୟ, ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦ ଓ ଗୀତା ଜାଗରଣ ପରିଷଦ ସଭାପତି ପ୍ରତିମା କର ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତକ୍ରିୟା ଲାଗି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।



ଦେବୀଗଡ଼ାରୁ ଉଦ୍ଧାର ହୋଇଥିବା ମୂର୍ତ୍ତି।

# କିଙ୍ଗ୍ସ ଲଢ଼େଇରେ ଚେନ୍ନାଇ ଜିତ୍

**ମୁମ୍ବାଇ,୧୬।୪**

ଆଇପିଏଲର ଶୁକ୍ରବାର ଅନୁଷ୍ଠିତ କିଙ୍ଗ୍ସ ଲଢ଼େଇରେ ଚେନ୍ନାଇ ସୁପରକିଙ୍ଗ୍ସ ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଯୁବ ଦ୍ରୁତ ବୋଲର ଦୀପକ ଚହରଙ୍କ ଚମତ୍କାର ବୋଲିଂ ବଳରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ଚଳିତ ଆଇପିଏଲରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଲୋ ସ୍କୋରିଂ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୦ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରିଥିଲା। ଜବାବରେ ଚେନ୍ନାଇ ୧୫.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

୧୦୭ ରନ ଛୋଟିଆ ଟାର୍ଗେଟର ପିଛା କରି ଚେନ୍ନାଇ ୨୪ ରନରେ ପ୍ରଥମ ଉଇକେଟ ହରାଇଥିଲା। ଯୁବ ଓପନର ଋତୁରାଜ ଗାଏକ୍ୱାଡ ୫ ରନ କରି ଅର୍ଶଦୀପ ସିଂଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ ଦୀପକ ହୁଡାଙ୍କୁ କ୍ୟାଚ୍ ଦେଇଥିଲେ। ଦ୍ୱିତୀୟ ଉଇକେଟରେ ଫାଫ ଡୁପ୍ଲେସି ଓ ମୋଇନ ଅଲି ୪୬ ବଲରୁ ଦ୍ରୁତ ୬୬ ରନ ସଂଗ୍ରହ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ତେବେ ମୋଇନ ୩୧ ବଲରୁ ୭ ଚୌକା ଓ ୧ ଛକା ସହ ୪୬ ରନକରି ମୁରୁଗାନ ଅଶ୍ୱିନଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ଶାହାରୁଖ ଖାଁଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ସୁରେଶ ରାଇନା ୮ ରନକରି ମହମ୍ମଦ ସାମିଙ୍କ ବାଉନ୍ସରରେ କିପର ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପର ବଲ୍‌ରେ ସାମି ଅମ୍ବାତି ରାୟୁଡୁଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ରାୟୁଡୁ ବିନା ସ୍କୋରରେ କଭରରେ ନିକୋଲାସ ପୁରନଙ୍କୁ କ୍ୟାଚ୍ ଦେଇଥିଲେ। ଫଳରେ ୧୦୦ ରନ ଭିତରେ ଚେନ୍ନାଇ ୪ ଉଇକେଟ ହରାଇଥିଲା। ଶେଷରେ ଡୁପ୍ଲେସି ୩୬ (୩୩ ବଲ, ୩ ଚୌକା, ୧ ଛକା) ଓ ସାମ କୁରାନ ୫ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ପଞ୍ଜାବ ପକ୍ଷରୁ ସାମି ୨, ଅର୍ଶଦୀପ ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ୨୬ ରନରେ ଟପ୍ ଅର୍ଡରର ୫ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା ଓ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଚେନ୍ନାଇ ଦ୍ରୁତ ବୋଲର ଦୀପକ ଚହରଙ୍କ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲେ ପଞ୍ଜାବ ବ୍ୟାଟ୍ସମ୍ୟାନ। ୪ ଓଭର ବୋଲିଂ କରି ମାତ୍ର ୧୩ ରନ ବ୍ୟୟ କରି ଦୀପକ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିଲେ। ସେ ଗୋଟିଏ ମେଡେନ ଓଭର ମଧ୍ୟ ନେଇଥିଲେ। ଦଳର ଟପ୍ ଅର୍ଡର ୫ଜଣ ବ୍ୟାଟ୍ସମ୍ୟାନ ମିଳିତ ଭାବେ ମାତ୍ର ୨୫ ରନ ସଂଗ୍ରହ କରିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ଚହର।

ଓପନର ମୟଙ୍କ ଅଗ୍ରୱାଲ ଖାତା ଖୋଲିବା ପୂର୍ବରୁ ଦୀପକଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅଧିନାୟକ ଲୋକେଶ ରାହୁଲ ୫ ରନ କରି ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଦଳ ତରଫରୁ ଶାହରୁଖ ଖାଁ ୩୬ଟି ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ସର୍ବାଧିକ ୪୭ ରନ ସଂଗ୍ରହ କରିଥିଲେ। ସେହିପରି ଝେ ରିଚାର୍ଡସନ ୧୫ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଷଷ୍ଠ ଉଇକେଟରେ ଶାହରୁଖ ଓ ରିଚାର୍ଡସନ ୩୬ ବଲରୁ ୩୧ ଓ ସପ୍ତମ ଉଇକେଟରେ ଶାହୁରଖ ଓ ମୁରୁଗାନ ଅଶ୍ୱିନ ୨୮ ବଲରୁ ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଦୀପକ ସର୍ବାଧିକ ୪, ସାମ କୁରାନ, ମୋଇନ ଅଲି ଓ ଡ୍ୱେନ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦୀପକ ଚହର ଚମତ୍କାର ବୋଲିଂ ନିଜ ୪ ଓଭର ସ୍ପେଲରେ ଗୋଟିଏ ମେଡେନ ନେବାସହ କରି ମୟଙ୍କ, ଗେଲ୍, ଦୀପକ ହୁଡା ଓ ପୁରନଙ୍କୁ ଆଉଟ କରିଥିଲେ। ଉଭୟ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା।

**ଆଜିର ମ୍ୟାଚ**

**ମୁମ୍ବାଇ ଇଣ୍ଡିଆନ୍ସ**
**ବନାମ**
**ସନ୍‌ରାଇଜର୍ସ ହାଇଦ୍ରାବାଦ**

ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୦୬/୮ (ଶାହରୁଖ- ୪୭, ଦୀପକ ଚହର- ୪/୧୩, ସାମ୍ କୁରାନ- ୧/୧୨, ମୋଇନ ଅଲି- ୧/୧୭, ଡ୍ୱେନ ବ୍ରାଭୋ- ୧/୧୦)।
ଚେନ୍ନାଇ ସୁପର କିଙ୍ଗ୍ସ ୧୫.୪ ଓଭରରେ ୧୦୭/୪ (ମୋଇନ- ୪୬, ଡୁପ୍ଲେସି- ୩୬*, ସାମି- ୨/୨୧, ଅର୍ଶଦୀପ- ୧/୭, ମୁରୁଗାନ ଅଶ୍ୱିନ- ୧/୩୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୪ | +୦.୧୭୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୨ | ୧ | ୧ | ୨ | +୦.୬୧୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୧ | ୧ | ୨ | +୦.୨୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୧ | ୧ | ୨ | +୦.୧୯୫ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୦.୦୫୨ |
| ନାଇଟ ରାଇଡର୍ସ | ୨ | ୧ | ୧ | ୨ | ୦.୦୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୧ | ୧ | ୨ | -୦.୯୦୯ |
| ସନ୍‌ରାଇଜର୍ସ | ୨ | ୦ | ୨ | ୦ | -୦.୪୦୦ |

## ଧୋନୀ, ରାଇନାଙ୍କୁ ସ୍ୱତନ୍ତ୍ର ଗୀତ ଉତ୍ସର୍ଗ କଲେ ରହମାନ


ଏ.ଆର୍. ରହମାନ, ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା।

**ଚେନ୍ନାଇ,୧୬।୪**

ଓସ୍କାର ବିଜେତା ସଙ୍ଗୀତକାର ଏ.ଆର. ରହମାନ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ୨୦୦୧ର ଫିଲ୍ମ 'ଲଗାନ'ର ଲୋକପ୍ରିୟ ଗୀତ 'ଚଲେ ଚଲୋ' ଗୀତ ଉତ୍ସର୍ଗ କରିଛନ୍ତି। ସେହିପରି ଚେନ୍ନାଇର ତାରକା ବ୍ୟାଟ୍ସମ୍ୟାନ ସୁରେଶ ରାଇନାଙ୍କୁ ୧୯୯୫ର ବଲିଉଡ ସିନେମା 'ରଙ୍ଗିଲା'ର ହିଟ୍ ଗୀତ 'ମାଙ୍ଗତା ହେ କ୍ୟା' ଉତ୍ସର୍ଗ କରିଛନ୍ତି। ଏହି ଦୁଇଟି ଫିଲ୍ମରେ ରହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏକାଠି ଖେଳିବା ପାଇଁ ଓ ଚେନ୍ନାଇର ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ରହମାନ ଏହି ଦୁଇଟି ଗୀତ ଦୁଇ ତାରକା ଖେଳାଳିଙ୍କୁ ଉତ୍ସର୍ଗ କରିଛନ୍ତି ବୋଲି କହିଛନ୍ତି। ବାଙ୍ଗାଲୋର ଯେତେବେଳେ ଯାଇଥାଏ ସେଠାରେ ଲୋକେ ରଙ୍ଗିଲାର ଗୀତ ଶୁଣିଥିବାର ଲକ୍ଷ୍ୟ କରିଛି ବୋଲି ରହମାନ କହିଛନ୍ତି।

ଏହାପୂର୍ବରୁ ଧୋନୀ ୪ କିମ୍ବା ୫ ନମ୍ବରରେ ବ୍ୟାଟିଂ କରିବା ଉଚିତ ବୋଲି ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର କହିଛନ୍ତି। ଏହାପରେ ଧୋନୀ ବ୍ୟାଟିଂ କଲେ କୌଣସି ଫାଇଦା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଧୋନୀ ସାଧାରଣତଃ ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥାନ୍ତି। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ବିପକ୍ଷରେ ସେ ୨ଟି ବଲ୍ ଖେଳି ଖାତା ଖୋଲିପାରି ନ ଥିଲେ। ୧୮୯ ରନ ସଂଗ୍ରହ କରିଥିଲେ ମଧ୍ୟ ଚେନ୍ନାଇ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ପରାସ୍ତ ହୋଇଥିଲା। ଧୋନୀ ମଧ୍ୟ ନିଜ ସ୍ୱାଭାବିକ ଢଙ୍ଗରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ଉପରେ ଧ୍ୟାନ ଦେବା ଉଚିତ ବୋଲି ଗମ୍ଭୀର କହିଛନ୍ତି।

## ସମସ୍ତ କ୍ରୀଡ଼ା ଛାତ୍ରାବାସ ୧୯ରୁ ବନ୍ଦ

**ଭୁବନେଶ୍ୱର, ୧୬।୪(କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ ସଂକ୍ରମଣ ସଂଖ୍ୟା ଦିନକୁଦିନ ବଢୁଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଚଳିତ ମାସ ୧୯ ତାରିଖରୁ ସମସ୍ତ କ୍ରୀଡ଼ା ଛାତ୍ରାବାସ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ପରିସ୍ଥିତିରେ ସୁଧାର ଆସିଲେ ଏହାକୁ ପୁଣି ଖୋଲିବାକଥା ଚିନ୍ତା କରାଯିବ। ସମସ୍ତ ଅନ୍ତେବାସୀ ଯେପରି ସୁରୁଖୁରୁରେ ଘରକୁ ଯାଇପାରିବେ ତା'ର ଦାୟିତ୍ୱ ଇନ୍-ଚାର୍ଜଙ୍କ ଉପରେ ନ୍ୟସ୍ତ କରାଯାଇଛି। ଛୋଟ ପିଲାମାନଙ୍କୁ ଘରକୁ ନେଇଯିବାକୁ ଅଭିଭାବକମାନଙ୍କୁ ସୂଚିତ କରାଇ ଦିଆଯାଇଛି। ତେବେ କ୍ରୀଡ଼ା ଛାତ୍ରାବାସ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସେମାନଙ୍କ ହଷ୍ଟେଲରେ ଉପସ୍ଥିତ ରହି କ୍ରୀଡ଼ା ସମ୍ପର୍କିତ କର୍ମଶାଳା ଏବଂ କୋଚ୍ ଉନ୍ନୟନ ପ୍ରୋଗ୍ରାମ କରିବେ। "ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟକୁ ଆମେ ପ୍ରାଥମିକତା ଦେଉଛୁ। ସେମାନେ ଯେପରି ସୁରକ୍ଷିତ ଭାବେ ଘରକୁ ଫେରିପାରିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ହଷ୍ଟେଲରୁ ବାହାରେ ରହିଲେ ହେଁ ପିଲାମାନେ ଯେପରି କୋଭିଡ୍-୧୯ ଗାଇଡ୍‌ଲାଇନ ମାନି ଚଳିବେ ସେ ସମ୍ପର୍କରେ ଇନ୍-ଚାର୍ଜମାନେ ସେମାନଙ୍କୁ ଭର୍ଚୁଆଲ ମୋଡ୍‌ରେ ଅବଗତ କରାଇବେ। ସ୍ଥିତିରେ ସୁଧାର ଆସିଲେ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ଏବଂ ଏ ସମ୍ପର୍କରେ ପିଲାମାନଙ୍କୁ ବହୁପୂର୍ବରୁ ଅବଗତ କରାଇ ଦିଆଯିବ" ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି।

## ଅଲିମ୍ପିକ୍ସରେ ଭାଗ ନେବେନି କୋଲମ୍ୟାନ

**ଜେନେଭା, ୧୬।୪ (ଏପି):** ଆମେରିକାନ୍ ସ୍ପ୍ରିଣ୍ଟର ଖ୍ରିଷ୍ଟିଆନ୍ କୋଲ୍‌ମ୍ୟାନ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ। ଜାଣିଶୁଣି ଡୋପିଂ ଟେଷ୍ଟ ଦେଇ ନ ଥିବାରୁ ତାଙ୍କ ଉପରେ ୧୦୦ମିଟର ବିଶ୍ୱଚାମ୍ପିୟନଙ୍କୁ ୨ବର୍ଷ ବାସନ୍ଦ କରାଯାଇଥିଲା। ତାହାକୁ ଉଠାଇବା ଲାଗି ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଅପିଲ କରିଥିଲେ। କୋର୍ଟ ଏହାର ପରିମାଣ ୧୮ ମାସ ହ୍ରାସ କରିଛନ୍ତି, ଯାହା ଆସନ୍ତା ନଭେମ୍ବର ମାସ ପର୍ଯ୍ୟନ୍ତ ରହିବ। ଅର୍ଥାତ ସେତେବେଳକୁ ଅଲିମ୍ପିକ୍ସ ଶେଷ ହେବାର ୩ ମାସ ପୂରଣ ହୋଇଯାଇଥିବ। ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ ଦ୍ୱାରା ୨ ବର୍ଷ ବାସନ୍ଦ ଦଣ୍ଡ ବିରୋଧରେ କୋଲ୍‌ମ୍ୟାନ ଗତ ଅକ୍ଟୋବରରେ ଚ୍ୟାଲେଞ୍ଜ କରିଥିଲେ।

## ସୋମବାର ଷ୍ଟୋକ୍ସଙ୍କ ଅସ୍ତ୍ରୋପଚାର

**ଲଣ୍ଡନ, ୧୬।୪(ପି.ଟି.)**



ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ବାମହାତ ବିଶି ଅଙ୍ଗୁଳିରେ ଅସ୍ତ୍ରୋପଚାର ଆସନ୍ତା ସୋମବାର ହେବ। ଫଳରେ ସେ ଅତିକମ୍‌ରେ ୧୨ ସପ୍ତାହ ପାଇଁ କ୍ରିକେଟରୁ ଦୂରେଇ ରହିବେ। ଦ୍ୱିତୀୟ ଥର ପାଇଁ ଏକ୍ସ-ରେ ଓ ସିଟି ସ୍କାନରୁ ଜଣାପଡ଼ିଛି ଯେ ଷ୍ଟୋକ୍ସଙ୍କ ବାମହାତ ବିଶି ଅଙ୍ଗୁଳି ଭାଙ୍ଗିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଫିଲ୍ଡିଂ ବେଳେ ସେ ଆଘାତ ପାଇଥିଲେ। ଏବେ ସେ ନିଜ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ସହ ଭାରତରେ ଅଛନ୍ତି। ଶନିବାର ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। "ସୋମବାର ଲିଡ୍ସରେ ଷ୍ଟୋକ୍ସଙ୍କ ଅଙ୍ଗୁଳି ଅସ୍ତ୍ରୋପଚାର ହେବ। ଫଳରେ ସେ ୧୨ ସପ୍ତାହ ଖେଳିପାରିବେନି" ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଶୁକ୍ରବାର ଏକ ବିବୃତିରେ ପ୍ରକାଶ କରାଯାଇଛି। ଗତ ସୋମବାର ପଞ୍ଜାବ କିଙ୍ଗ୍ସର କ୍ରିସ୍ ଗେଲ୍‌ଙ୍କ କ୍ୟାଚ ଧରିବା ଅବସରରେ ସେ ଆହତ ହୋଇଥିଲେ। ଫଳରେ ସେ ସମ୍ପୂର୍ଣ୍ଣ ଆଇପିଏଲରୁ ଓହରିବାକୁ ବାଧ୍ୟ ହୋଇଥିଲେ।

## କରୋନାରୁ ଆରୋଗ୍ୟ ହେଲେ ହରମନପ୍ରୀତ୍

**ନୂଆଦିଲ୍ଲୀ, ୧୬।୪ (ପି.ଟି.):** ଭାରତୀୟ ମହିଳା ଟି୨୦ କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ୍ କୌର କରୋନାରୁ ଆରୋଗ୍ୟ ଲାଭ କରିଥିବା ନିଜେ ଶୁକ୍ରବାର ଘୋଷଣା କରିଛନ୍ତି। ଗତ ମାର୍ଚ୍ଚ ୩୦ରେ ହୋଇଥିବା କୋଭିଡ୍ ଟେଷ୍ଟରେ ହରମନପ୍ରୀତ ପଜିଟିଭ ଥିବା ଜଣାପଡ଼ିଥିଲା। ଦୁଇ ସପ୍ତାହ ପରେ ତାଙ୍କର ଆର୍‌ଟି-ପିସିଆର୍ ରିପୋର୍ଟ ନେଗେଟିଭ୍ ଆସିଛି। ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ହରମନପ୍ରୀତ୍ ତାଙ୍କର ଏକ ବାର୍ତ୍ତାରେ କହିଛନ୍ତି, କରୋନା ଏକ ବିପଜ୍ଜନକ ଭୂତାଣୁ ହୋଇଥିବାରୁ ଆମ ସମସ୍ତଙ୍କୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧାର୍ଯ୍ୟ ପ୍ରୋଟୋକଲ ମାନି ଚଳିବାକୁ ହେବ। ସ୍ୱାସ୍ଥ୍ୟ ପ୍ରତି ଆମକୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ।

## ଅବସରରୁ ଫେରିପାରନ୍ତି ଡି'ଭିଲର୍ସ

**କେପ୍‌ଟାଉନ, ୧୬।୪**

ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଅବସରରୁ ଫେରିପାରନ୍ତି। ଆସନ୍ତା ଟି୨୦ ବିଶ୍ୱକପରେ ତାଙ୍କୁ ପୁଣି ଦକ୍ଷିଣ ଆଫ୍ରିକା ଜର୍ସିରେ ଦେଖିବାକୁ ମିଳିପାରେ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଦକ୍ଷିଣ ଆଫ୍ରିକା କୋଚ୍ ମାର୍କ ବାଉଚର। ଡି'ଭିଲର୍ସ ଅନ୍ତର୍ଜାତୀୟ କ୍ରିକେଟରୁ ୩ ବର୍ଷ ହେଲା ଅବସର ନେଇଥିଲେ ହେଁ ଆସନ୍ତା ଅକ୍ଟୋବରରେ ଭାରତରେ ହେବାକୁ ଥିବା ବିଶ୍ୱକପ ପାଇଁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ବାଉଚର ଅନୁଭବ କରୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୦ ଏବଂ ୨୦୨୧ ଆରମ୍ଭରେ ଡି'ଭିଲର୍ସ ଚମତ୍କାର ପ୍ରଦର୍ଶନ କରିଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଅଧିକ ଆଲୋଚନା ହୋଇପାରି ନ ଥିଲେ ହେଁ ତାଙ୍କୁ ଦଳକୁ ଆଣିବାକୁ ଯୋଜନା ରହିଛି ବୋଲି ବାଉଚର ପ୍ରକାଶ କରିଛନ୍ତି। ଚଳିତ ଆଇପିଏଲ ପୂର୍ବରୁ ଡି'ଭିଲର୍ସଙ୍କ ସହ ବାଉଚର ଆଲୋଚନା କରିଛନ୍ତି। ଏହା ଫଳପ୍ରଦ ହୋଇଛି ବୋଲି ସେ କହିଛନ୍ତି। ଏବେ ଭାରତୀୟ ପରିବେଶରେ ଡି'ଭିଲର୍ସ ଆଇପିଏଲ ଖେଳୁଛନ୍ତି। ଆଇପିଏଲ ଖେଳାଯାଉଥିବା ଷ୍ଟାଡିୟମ ଗୁଡ଼ିକରେ ଟି୨୦ ବିଶ୍ୱକପ ଅନୁଷ୍ଠିତ ହେବ। ଚଳିତ ବର୍ଷ ଆରମ୍ଭରେ ଡି'ଭିଲର୍ସ ଭଲ ଟଚ୍‌ରେ ଥିବା ଜଣାଯାଇଛି। ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୭ ବଲ୍‌ରୁ ମ୍ୟାଚ ବିଜୟୀ ୪୮ ରନର ଇନିଂସ ଖେଳିଥିଲେ। ଫଳରେ ବିରାଟ କୋହଲିଙ୍କ ଦଳ ଚେପକ୍‌ରେ ଲଢୁଆ ବିଜୟ ହାସଲ କରିଥିଲା।



## କ୍ୱାର୍ଟରରେ ଅରୁନ୍ଧତୀ, ବେବିରୋଜିସାନା

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ପୋଲାଣ୍ଡର କିଏଲ୍‌ସିଠାରେ ପୁରୁଷ ଓ ମହିଳାଙ୍କୁ ନେଇ ଚାଲିଥିବା ଯୁବ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଖେଲୋ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ବିଜୟିନୀ ଅରୁନ୍ଧତି ଚୌଧୁରୀ ୬୯ କେ.ଜି. ବର୍ଗରେ ଓ ବେବିରୋଜିସାନା ଚାନୁ ୫୧ କେ.ଜି. ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ୩ଜଣ ଭାରତୀୟ ବକ୍ସର ମଧ୍ୟ ପ୍ରାରମ୍ଭିକ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ତେବେ ୫୨ କେ.ଜି. ବର୍ଗରେ ବିକାଶ ଓ ୫୪ କେ.ଜି. ବର୍ଗରେ ଅର୍ଶୀ ଖାଁ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।


ଅରୁନ୍ଧତୀ ଚୌଧାରୀ

ଅରୁନ୍ଧତି ଓ ଚାନୁଙ୍କୁ ବାଦ୍ ଦେଲେ ୬୦ କେ.ଜି. ବର୍ଗରେ ଆକାଶ ଗୋର୍ଖା, ୬୯ କେ.ଜି. ବର୍ଗରେ ସୁମିତ ଓ ୪୮ କେ.ଜି. ବର୍ଗରେ ଗୀତିକା ବିଜୟୀ ହୋଇଛନ୍ତି। ଖେଲୋ ଇଣ୍ଡିଆ ଗେମ୍ସରେ ୩ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଅରୁନ୍ଧତି କଲମ୍ବିଆର ଡେୟାନେଇରା କାସାସ ଜେରେଜଙ୍କୁ ୫-୦ରେ ପରାସ୍ତ କରିଛନ୍ତି। କ୍ୱାର୍ଟରରେ ସେ ୟୁକ୍ରେନ୍‌ର ଆନା ସେଜକୋଙ୍କୁ ଭେଟିବେ। ସେହିପରି ଇମ୍ଫାଲସ୍ଥିତ ଏମ୍‌ସି ମେରିକମ ଏକାଡେମୀର ପ୍ରତିଭା ଚାନୁ ଇସ୍ତୋନିଆର ଗୋରିସନାଜାଙ୍କୁ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି।

ପୁରୁଷ ବିଭାଗରେ ଆକାଶ ୫-୦ରେ ଜର୍ମାନୀର ଏନ୍‌ରିକୋ କ୍ଲିସ୍କଙ୍କୁ ହରାଇଥିବା ବେଳେ ସୁମିତ ଭେନେଜୁଏଲାର ରାଫାଏଲ ଆଣ୍ଟୋନିଓ ପେରଡୋମୋଙ୍କୁ ମାତ୍ର ୫ ମିନିଟ ମଧ୍ୟରେ ପରାସ୍ତ କରିଥିଲେ। ଆକାଶ ଏବେ ମଙ୍ଗୋଲିଆର ଜାନ- ଏରଡେନ ଗାନବାତାରଙ୍କୁ କ୍ୱାର୍ଟରରେ ଭେଟିବେ। ସେହିପରି ସୁମିତ ସ୍ଲୋଭାକିଆର ଲାଡିସ୍ଲାଭ ହୋରଭାଥଙ୍କୁ ଭେଟିବେ। ଗୀତିକା ରୁଷିଆର ଡାଏନା ଏରମାକୋଭାଙ୍କୁ ହରାଇଛନ୍ତି। ସେ ଏବେ କାଜାଖସ୍ତାନର ଆରାଇଲି ମାରାତଙ୍କୁ ଦ୍ୱିତୀୟ ରାଉଣ୍ଡରେ ଭେଟିବେ। ତେବେ ବିକାଶ ୧-୪ରେ ମଙ୍ଗୋଲିଆର ସୁଖବାତ୍ ଏନ୍‌ଖଜୋରିଟଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିପରି ଅର୍ଶୀ ମଧ୍ୟ ୧-୪ରେ ଉଜ୍‌ବେକିସ୍ତାନର ନିଗିନା ଉକ୍ତାମୋଭାଙ୍କଠାରୁ ପରାସ୍ତ ହୋଇଛନ୍ତି।

## ଭିନେଶ ଓ ଅଂଶୁଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଅଲମାଟି, ୧୬।୪ (ପି.ଟି.)**

ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ରେସ୍‌ଲର ଭିନେଶ ଫୋଗତ ଓ ଅଂଶୁ ମଲିକ ଏସିଆନ ଚାମ୍ପିୟନଶିପ୍‌ରେ ସେମାନଙ୍କର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାଇନିଜ ଓ ଜାପାନିଜ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ଅନୁପସ୍ଥିତିରେ ଭିନେଶ ଶୁକ୍ରବାର ଗୋଟିଏ ହେଲେ ପଏଣ୍ଟ ନ ହରାଇ ୫୩ କେଜି କାଟେଗୋରିରେ ଟାଇଟଲ ଜିତିଥିଲେ। ଏହି ସଂସ୍କରଣ ପୂର୍ବରୁ ସେ ଏସିଆନ ମିଟ୍‌ରେ ୭ଥର ପୋଡିୟମ ଫିନିଶ କରିପାରିଛନ୍ତି। ତନ୍ମଧ୍ୟରେ ୩ ରୌପ୍ୟ ପଦକ ଅନ୍ତର୍ଭୁକ୍ତ। ଭିନେଶ ମଙ୍ଗୋଲିଆର ଓଟଗୋଁଜାର୍ଗାଲ ଗାନବାଟାର ଏବଂ ତାଇପେର ମେଙ୍ଗ ହୁଆନ୍ ହିଏଙ୍କୁ ଟେକ୍‌ନିକାଲ ସୁପରିଅରିଟିରେ ପରାସ୍ତ କରିଥିବାବେଳେ ସେମିଫାଇନାଲରେ ଇଞ୍ଜୁରି ଯୋଗୁ କୋରିଆର ହ୍ୟୁନ୍‌ୟଙ୍ଗ ଓହ ଲଢ଼ିବାକୁ ଆସି ନ ଥିଲେ। ଏହି ମହାଦେଶୀୟ ଚାମ୍ପିୟନଶିପ୍‌ର ଦିଲ୍ଲୀ ସଂସ୍କରଣରେ ବ୍ରୋଞ୍ଜ ଜିତିଥିବା ଭିନେଶ ଫାଇନାଲରେ ହିଏଙ୍କୁ ୬-୦ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ଏହି ଭେନ୍ୟୁରେ ଅଲିମ୍ପିକ କୋଟା ହାସଲ କରିଥିବା ଅଂଶୁ ୫୭କେଜି ଶ୍ରେଣୀରେ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ ସେ ମଙ୍ଗୋଲିଆର ବାଟ୍‌ସେଟ୍‌ସେଗ୍ ଅଲଟାଣ୍ଟସେଟସେଗ୍‌ଙ୍କୁ ୩-୦ରେ ପରାସ୍ତ କରିଥିଲେ। ଆରମ୍ଭରେ ଡବଲ ଲେଗ୍ ଆଟାକ୍ ବ୍ୟତୀତ ମଙ୍ଗୋଲିଆନ ପ୍ରତିଦ୍ୱନ୍ଦ୍ୱୀ ବାଉଟ୍‌ରେ ଅଧିକାଂଶ ସମୟ ନିଜକୁ ଡିଫେଣ୍ଡ କରିବାକୁ ଚେଷ୍ଟା କରିଥିଲେ। ୧୯ ବର୍ଷୀୟା ଏହି ବକ୍ସର ଉଜ୍‌ବେକିସ୍ତାନର ସେମେରା ଇସ୍‌ମୁରେଟୋଭା ଏବଂ ସେମିଫାଇନାଲରେ କିରଗିଜସ୍ତାନର ନାଜିରା ମାର୍ସବେକ୍‌ଙ୍କ ବିପକ୍ଷ ତାଙ୍କ ପ୍ରଥମ ଦୁଇଟି ବାଉଟ୍‌ରେ ଟେକ୍‌ନିକାଲ ସୁପରିଅରିଟି ଭିତ୍ତିରେ ଜିତିଥିଲେ। ୬୫କେଜି କାଟେଗୋରିରେ ଭାଗ ନେଉଥିବା ସାକ୍ଷୀ ମଲିକ ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଁ ସେ ମଙ୍ଗୋଲିଆର ବୋଲରତୁଙ୍ଗାଲାଗ୍ ଜୋର୍ଗିଟ୍‌ଙ୍କ ସହ ମୁକାବିଲା କରିବେ।


ଅଂଶୁ ମଲିକ ଓ ଭିନେଶ ଫୋଗତ।

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

## ବାଇକ୍ ଦୁର୍ଘଟଣା, ୨ ଶିଶୁ ଗୁରୁତର

**ସୋରଡ଼ା,(ଡି.ଏନ୍.ଏ.):** ସୋରଡ଼ା ଗାଜଲବାଡି ବୁଲାଣି ଜଙ୍ଗଲ ରାସ୍ତା ପିପଳପଙ୍କ ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଗୋଟିଏ ପରିବାରର ୨ ଶିଶୁ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଜଲବାଡିର ରାଜୀବ ନାୟକଙ୍କ ପୁଅ ସମରନ ଓ ଇନକ୍ସା। ସୂଚନାଯୋଗ୍ୟ, ରାଜୀବ ନିଜ ସ୍ତ୍ରୀ ଓ ୨ଶିଶୁଙ୍କ ସହ ବାଇକ ଯୋଗେ ଗ୍ରାମକୁ ଫେରୁଥିଲେ। ପିପଳପଙ୍କ ବୁଲାଣି ରାସ୍ତାରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସି ପଡିଥିଲେ। ସ୍ଥାନୀୟ ପୋଲିସ ପାଟ୍ରୋଲିଂ ବେଳେ ଦୁର୍ଘଟଣାଗ୍ରସ୍ତ ସ୍ଥାନରୁ ଉଭୟ ଶିଶୁଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଛି।

**ସଂକ୍ଷେପରେ**

## ଚୋରି ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୬।୪(ଡି.ଏନ.ଏ.):** ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମରେ ଥିବା ଏଟିସି ଟେକ୍ନିକାଲ ମୋବାଇଲ ଟାୱାରରୁ ମୂଲ୍ୟବାନ ବ୍ୟାଟେରୀ ଗୁଡ଼ିକୁ ଦୁର୍ବୃତ୍ତ ଚୋରି କରିନେଇଥିଲେ। ଏ ନେଇ ପୋଲିସ ନଂ. ୮୫/୨୧ରେ ମାମଲା ରୁଜୁ କରିଥିଲା। ଚୋରି ମାମଲାରେ ସମ୍ପୃକ୍ତ ଥିବା ବ୍ରହ୍ମପୁର ଟାଉନ ଥାନା ଅଧୀନ ଭାବାନଗରରେ ରହୁଥିବା ଟେକ୍ନିସିୟାନ ସମ୍ପିତ କୁମାର ବୈଠାରୁଙ୍କୁ ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଚୋରି ହୋଇଥିବା ୨ଟି ବ୍ୟାଟେରୀ ଜବତ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି।

## ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

**ପାତ୍ରପୁର,୧୬।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ପାତ୍ରପୁର ବ୍ଲକ ଗସ୍ତ କରି ତୁମ୍ବା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ କରୋନା ଉପରେ ଆଲୋଚନା କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ତୁମ୍ବା, ବୁରାତାଲ, ଆଙ୍କୁଲି ପ୍ରମୁଖ ୩ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ତଦାରଖ କରିବା ସହ ଲୋକଙ୍କୁ ସଚେତନ କରିବା ପାଇଁ ବ୍ଲକ ଓ ତହସିଲ ଅଧିକାରୀମାନଙ୍କ ସହ ଆଲୋଚନ କରିଥିଲେ। ତୁମ୍ବାରେ ପାନୀୟ ଜଳ ଯୋଗାଣ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆଦିବାସୀଙ୍କୁ କାମ ଯୋଗାଇବା ସହିତ ପୁନଃ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତରେ ଟିଡିଏ ଅଧିକାରୀ ରାମଚନ୍ଦ୍ର ସେଠୀ, ବିଡିଓ ପ୍ରକାଶ ଚନ୍ଦ୍ର ଦାସ, ତହସିଲଦାର୍ ଅମିତ୍ କୁମାର ନାୟକ, ଜଳଯୋଗାଣ ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## କେଶପୁର ବଜାର କମିଟି ସଭାପତିଙ୍କ ଇସ୍ତଫା

**ଖଲ୍ଲିକୋଟ,୧୬।୪(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ କେଶପୁର ବଜାର କମିଟି ସଭାପତି ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। କେଶପୁର ବଜାରରେ ବ୍ୟବସାୟୀ ସଂଘ ଦୀର୍ଘଦିନ ହେବ ରହିଛି। କିଛି ବର୍ଷ ହେବ ଆଇନଜୀବୀ ଜ୍ୟୋତିଷ କୁମାର ନନ୍ଦ ବଜାର କମିଟି ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ। ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଓ କାର୍ଯ୍ୟବ୍ୟସ୍ତତା ଯୋଗୁ ସଭାପତି ପଦରୁ ଇସ୍ତଫା ଦେଇଥିବା ସେ କହିଛନ୍ତି। ଏ ନେଇ ଉପସଭାପତି ଏବଂ ସମ୍ପାଦକ ଏସ୍.ରାଜୀବ କୁମାର ପାତ୍ରଙ୍କୁ ଇସ୍ତଫା ପତ୍ର ପ୍ରେରଣ କରିଛନ୍ତି।

## ମଧୁବାବୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପୋଲସରା,୧୬।୪(ଡି.ଏନ.ଏ.):** ପୋଲସରା ବ୍ଲକ ହାତିଓଟ ଗ୍ରାମ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ମିନି ଷ୍ଟାଡିୟମ୍‌ରେ ଶୁକ୍ରବାର ମଧୁବାବୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କଳମ୍ବ ଏକାଦଶ ସହ ବରିଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷ ସଂଯୁକ୍ତା ବାଡତ୍ୟା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ସମ୍ପାଦକ ଅଶୋକ ବିଷୋୟୀ, କୋଷାଧ୍ୟକ୍ଷ ପ୍ରତାପ ପ୍ରଧାନ, ଏ.କୁନା ଆଚାରୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଡିଏ ଗଛ ନ ଲଗାଇ ଜାଲି ପାଇଁ ୪୫ ଲକ୍ଷ ବ୍ୟୟ

### ଆରଟିଆଇ ତଥ୍ୟାନୁସାରେ ଆଇନଜୀବୀଙ୍କ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୬।୪**

ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) ମହାନଗରରେ ଗୋଟିଏ ବି ଗଛ (ବୃକ୍ଷରୋପଣ) ନ ଲଗାଇ ତା'ର ସୁରକ୍ଷା ନିମନ୍ତେ ଜାଲି (ଟ୍ରିଗାର୍ଡ) ବାବଦରେ ୨୦୧୫-୧୬ ରୁ ୨୦୧୮-୧୯ ଏହି ୪ ବର୍ଷରେ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ଫଳରେ ବିପୁଳ ପରିମାଣର ଅର୍ଥ ଅପବ୍ୟୟ କରାଯାଇଛି। ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ପୀତବାସ ପଣ୍ଡା ଏଭଳି ସାଂଘାତିକ ଅଭିଯୋଗ କରିବା ସହ ଏହାର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହାଦ୍ୱାରା ଅସଲ ଗୁମର ପଦାରେ ପଡ଼ିବାର ସେ ଦର୍ଶାଇଛନ୍ତି।

ଶୁକ୍ରବାର ପଣ୍ଡା କହିଛନ୍ତି, ୧୯୯୯ ମହାବାତ୍ୟା, ୨୦୧୩ ସାମୁଦ୍ରିକ ଝଡ଼ବର୍ଷା ଫାଇଲିନ ପରେ ଘଟିଥିବା ଫନି ଓ ତିତ୍‌ଲି ପ୍ରାକୃତିକ ବିପର୍ଯ୍ୟୟରେ ବ୍ରହ୍ମପୁର ସହରରେ ହଜାର ହଜାର ଗଛ ଧ୍ୱଂସ ହୋଇଯାଇଥିଲା। ପୁନର୍ବାର ବୃକ୍ଷରୋପଣ କରାଯାଇ ସହରକୁ ଗ୍ରୀନ୍ ସିଟିରେ ପରିଣତ କରାଯିବାକୁ ସରକାର ଓ ଶାସକ ଦଳ ପକ୍ଷରୁ ବହୁଳ ପ୍ରଚାର ହୋଇଥିଲା। ଗଛ ଲଗାଇ ବିଡିଏର କେତେ ଅବଦାନ ସେନେଇ ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ତଥ୍ୟ ମଗାଯାଇଥିଲା। ଏପ୍ରିଲ ୧୬ରେ ଯେଉଁ ତଥ୍ୟ ମିଳିଛି ତାହା ଅପବ୍ୟୟ ତଥା ଦୁର୍ନୀତିକୁ ପଦାରେ ପକାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ୨୦୧୫ରୁ ୨୦୨୧ ବର୍ଷ ମଧ୍ୟରେ ସହରରେ ଗୋଟିଏ ବି ଗଛ ଲଗାଇନି ବିଡିଏ। ତେବେ ଗତ ୪ ବର୍ଷରେ ଟ୍ରି-ଗାର୍ଡ ବା ଜାଲି ବାବଦରେ ୨୦୧୫-୧୬ ବର୍ଷରେ ୧୦ ଲକ୍ଷ, ୧୬-୧୭ ବର୍ଷରେ ୧୦ ଲକ୍ଷ, ୧୭-୧୮ ବର୍ଷରେ ୧୫ ଲକ୍ଷ ଏବଂ ୧୮-୧୯ ବର୍ଷରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସୂଚନା ଅଧିକାର ଆଇନ ଦ୍ୱାରା ମଗାଯାଇଥିବା ପ୍ରଶ୍ନର ଉତ୍ତରରେ ବିଡିଏ କର୍ତ୍ତୃପକ୍ଷ ଆହୁରି କହିଛନ୍ତି, ଗଛ ଲଗାଇବା ବାବଦରେ ଉନ୍ନୟନ କର୍ତ୍ତୃପକ୍ଷ ଗୋଟିଏ ଟଙ୍କା ଖର୍ଚ୍ଚ କରିନାହିଁ। ଯଦି ଗଛ ଲଗାଯାଇନାହିଁ ତେବେ ଜାଲି ବାବଦରେ କେବଳ ୪ ବର୍ଷରେ ୪୫ ଲକ୍ଷ ଟଙ୍କା କାହିଁକି ବ୍ୟୟ କରାଯାଇଛି ସେନେଇ ପ୍ରଶ୍ନ କରିଛନ୍ତି ପଣ୍ଡା।

ଅପରପକ୍ଷରେ ବ୍ୟୟ ୪୫ ଲକ୍ଷ ଟଙ୍କା କେଉଁ ବାବଦରୁ ମିଳିଛି ଏବଂ କାହାରି ସୁପାରିସରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଜାଲି ତିଆରି କରିବା ପାଇଁ ବିନା ଟେଣ୍ଡରରେ କାର୍ଯ୍ୟାଦେଶ ଦିଆଯାଇଛି ସେନେଇ ସର୍ବସାଧାରଣରେ ଶ୍ୱେତପତ୍ର ପ୍ରକାଶ କରିବାକୁ ଆଇନଜୀବୀ ପଣ୍ଡା ଆଉ ଏକ ଦାବି କରିଛନ୍ତି। ଜାଲିଗୁଡ଼ିକରେ ଏମ୍‌ଏଲଏ ଲାଡ୍ ଲେଖାଯାଇଥିବାରୁ ରହସ୍ୟଜନକ ହୋଇଛି। ୨୦୦୦ରୁ ୨୦୨୦ ସୁଦ୍ଧା ବିଧାୟକ ଲାଡ୍ ଫଣ୍ଡରୁ ବିଡିଏକୁ କେବଳ ଜାଲି ପାଇଁ କେତେ ଟଙ୍କା ଅନୁଦାନ ଦିଆଯାଇଛି ତା'ର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବାକୁ ସେ ଗୁରୁତ୍ୱ ଦେଇଛନ୍ତି।

# ସୋମବାର ନିଜସ୍ୱ ମନ୍ଦିରକୁ ବାହୁଡ଼ିବେ ମା'

■ ବୁଢ଼ୀ ଠାକୁରାଣୀ ଯାତ୍ରା ■ ଯାତ୍ରା ଅବଧି ବୃଦ୍ଧି ନେଇ ପ୍ରଶାସନର ଅନୁମତି



ଅସ୍ଥାୟୀ ମଣ୍ଡପରେ ମା' ବୁଢ଼ୀ ଠାକୁରାଣୀ।

**ବ୍ରହ୍ମପୁର ଅଫିସ୍,୧୬।୪**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଅବଧି ବୃଦ୍ଧି ନେଇ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅନୁମତି ମିଳିଛି। ବ୍ରହ୍ମପୁର ଉପଜିଲାପାଳଙ୍କ ପକ୍ଷରୁ ପ୍ରଦତ୍ତ ଚିଠି ନଂ-୪୪୩୬ରେ ଆସନ୍ତା ୧୯ ତାରିଖ ଯାଏ ଅବଧି ବୃଦ୍ଧି ନେଇ ଅନୁମତି ମିଳିଥିବା ଉଲ୍ଲେଖ ରହିଛି। ଏଥିସହ ୧୯ ତାରିଖ ରାତି ପର୍ଯ୍ୟନ୍ତ ଦେଶୀ ବେହେରା ସାହିଠାରୁ ବୁଢ଼ୀ ଠାକୁରାଣୀ ମନ୍ଦିର ଯାଏ ୧୪୪ ଧାରା ଜାରି ହେବ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଯାତ୍ରା ପରିଚାଳକ ପି.ଦୁର୍ଗା ପ୍ରସାଦ ଦେଶୀ ବେହେରା ଠାକୁରାଣୀ ଯାତ୍ରା ଅବଧି ବୃଦ୍ଧି ନେଇ ଗୁରୁବାର ବିଏମ୍‌ସି କମିଶନରଙ୍କ ନିକଟରେ ଲିଖିତ ଭାବେ ଆବେଦନ କରିଥିଲେ। ଏ ନେଇ ଯାତ୍ରା ପରିଚାଳକ ଦେଶୀ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆସନ୍ତା ସୋମବାର ମଧ୍ୟ ରାତ୍ରିରୁ ମା' ଠାକୁରାଣୀ ନିଜସ୍ୱ ମନ୍ଦିରକୁ ବାହୁଡ଼ିବେ। ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସମସ୍ତ କୋଭିଡ୍ ନିୟମକୁ ଅନୁକରଣ କରାଯିବ ବୋଲି ସେ କହିଛନ୍ତି।

# ପରୀକ୍ଷାଫଳକୁ ନେଇ ଛାତ୍ର ଅଶାନ୍ତି



ଧାରଣାରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ।

### ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୧୬।୪**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଯୁକ୍ତ ୩ଷଷ୍ଠ ସେମିଷ୍ଟର ଛାତ୍ରୀଛାତ୍ରମାନେ ଏପ୍ରିଲ ୯ ରେ ପ୍ରକାଶ ପାଇଥିବା ୪ର୍ଥ ସେମିଷ୍ଟର ପରୀକ୍ଷା ଫଳରେ ଅସନ୍ତୋଷ ପ୍ରକାଶ କରି ଧାରଣା ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ସମସ୍ତଙ୍କୁ ପାସ କରାଇବା ଦାବିରେ ବିକ୍ଷୋଭ କରିଥିଲେ। କରୋନା ଯୋଗୁ ଗତ ବର୍ଷ ୪ର୍ଥ ସେମିଷ୍ଟର ପରୀକ୍ଷା ବାତିଲ ହୋଇଥିଲା। ଏହି କାରଣରୁ ମହାବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାସ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରକାଶ ପାଇଥିବା ପରୀକ୍ଷା ଫଳ ଅନୁସାରେ ବହୁ ବିଦ୍ୟାର୍ଥୀ ଫେଲ ହୋଇଛନ୍ତି। ଏପ୍ରିଲ ପ୍ରଥମ ସପ୍ତାହରେ ୫ ସେମିଷ୍ଟର ପରୀକ୍ଷା ସରିଥିବା ବେଳେ ବର୍ତ୍ତମାନ ୪ର୍ଥ ସେମିଷ୍ଟର ପରୀକ୍ଷା ଫଳ ଛାତ୍ରୀଛାତ୍ରଙ୍କ ଲାଗି ନିମନ୍ତେ ଚିନ୍ତାର ବିଷୟ ହୋଇଛି। ପୂର୍ବରୁ ଲିଖିତ ଅଭିଯୋଗ ପରେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦେକ୍ଷେପ ନ ନେବାରୁ ଛାତ୍ରୀଛାତ୍ର ଧାରଣା ଦେବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଏନେଇ ଅଧ୍ୟକ୍ଷା କହିଛନ୍ତି, ପୂର୍ବରୁ ୪ର୍ଥ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ଶେଷ ହୋଇଥିଲା। କୋଭିଡ୍ ପାଇଁ କ୍ଲାସ ଓ ପରୀକ୍ଷା ବାତିଲ ହୋଇଥିଲା। ୟୁଜିସି ନିଷ୍ପତ୍ତି ଅନୁଯାୟୀ ଇଣ୍ଟରନାଲ ପରୀକ୍ଷାର ୫୦ ପ୍ରତିଶତ ଓ ତୃତୀୟ ସେମିଷ୍ଟରର ୫୦ପ୍ରତିଶତ ମାର୍କକୁ ନେଇ ପରୀକ୍ଷା ଫଳ ପ୍ରକାଶ କରାଯିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ରହିଥିଲା। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଫଳ ପ୍ରକାଶ ପାଇଛି। ଏହା ସହ ଛାତ୍ରୀଛାତ୍ରଙ୍କ ଦାବି ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ପରବର୍ତ୍ତୀ ସମୟରେ ଯାହା ନିଷ୍ପତ୍ତି ହେବ ସେହି ଅନୁସାରେ କାର୍ଯ୍ୟ କରିବୁ। ଦୀର୍ଘ ସମୟ ଧରି ଧାରଣାରେ ବସିଥିବା ଛାତ୍ରୀଛାତ୍ର ଅପରାହ୍ଣ ୪ଟାରେ ଅଧ୍ୟକ୍ଷା ଡ଼. ଉତ୍ତମା ଜେନା, ଉପାଧ୍ୟକ୍ଷ ସିଦ୍ଧାର୍ଥ ପାଢ଼ୀଙ୍କ ସହିତ ପ୍ରତ୍ୟେକ ବିଭାଗୀୟ ମୁଖ୍ୟ ମିଳିତ ଭାବେ ବୁଝାଶୁଝା ପରେ ବିକ୍ଷୋଭରୁ ଓହରି ଥିଲେ।

## ବେସରକାରୀ ଶିକ୍ଷାନୁଷ୍ଠାନର ମୁଖ୍ୟ ପଜିଟିଭ

**ବୁଗୁଡ଼ା,୧୬।୪(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଜଣେ କର୍ମଚାରୀ କିଛିଦିନ ତଳେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ପୁଣି ବାଲିପଦରର ଏକ ବେସରକାରୀ ଶିକ୍ଷାନୁଷ୍ଠାନର ମୁଖ୍ୟ ଶୁକ୍ରବାର ପଜିଟିଭ ଚିହ୍ନଟ ହୋଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ବୁଧବାର ଜ୍ୱର ଓ କାଶରେ ପୀଡ଼ିତ ହୋଇ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଥିଲେ। ଗୁରୁବାର ରାତିରେ ଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ସେ ବୁଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲ ଯାଇଥିଲେ। ସେଠାରେ ତାଙ୍କୁ କରୋନା ପଜିଟିଭ ଥିବା ଜଣାପଡ଼ିଥିଲା। ତାଙ୍କ ପରିବାରକୁ ଆଇସୋଲେଶନରେ ରହିବା ପାଇଁ କୁହାଯାଇଥିବା ବେଳେ ପୀଡ଼ିତଙ୍କ କଣ୍ଟାକ୍ଟ ଟ୍ରେସିଂ ବାହାର କରାଯାଇ ସେମାନଙ୍କୁ ମଧ୍ୟ ହୋମ୍ ଆଇସୋଲେଶନରେ ରହିବାକୁ କୁହାଯାଇଥିବା ତହସିଲଦାର ସଂଗ୍ରାମ କେଶରୀ ଜେନା କହିଛନ୍ତି। ଦ୍ୱିତୀୟ ଲହର ସଂକ୍ରମଣ ଆଶଙ୍କା ନେଇ ପ୍ରଶାସନ ତରଫରୁ ବ୍ୟାପକ ସଚେତନତା ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା ସଦାବେଳେ ପ୍ରଶାସନ ସହଯୋଗରେ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

## ଉପଜିଲାପାଳଙ୍କ କୋଭିଡ୍ କେୟାର ସେଣ୍ଟର ତଦାରଖ

**ହିଞ୍ଜିଳିକାଟୁ,୧୬।୪(ଡି.ଏନ୍.ଏ.)**

କରୋନାର ଦ୍ୱିତୀୟ ଲହରରେ ଗୁରୁବାର ସୁଦ୍ଧା ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। ସଂକ୍ରମିତଙ୍କ ଚିକିତ୍ସା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ପୁରୁଣା ଡାକ୍ତରଖାନା କୋଠାକୁ ୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଛି। ଶୁକ୍ରବାର ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଉକ୍ତ କୋଭିଡ କେୟାର ସେଣ୍ଟର କାର୍ଯ୍ୟ ତଦାରଖ କରିଛନ୍ତି। ରୋଗୀଙ୍କ ଶଯ୍ୟା, ଡାକ୍ତରୀ ଟିମ, ଷ୍ଟାଫ ନର୍ସ, ଔଷଧ ବଣ୍ଟନ ସହ ରୋଗୀଙ୍କ ଖାଦ୍ୟ, ପାନୀୟ ଜଳ ଆଦିର ସୁବିଧା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଏହି ସମୟରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡା. ମନୋରଞ୍ଜନ ସାହୁ, ବିଡିଓ ପ୍ରସନ କୁମାର ପାତ୍ର, ଡା. ଶମ୍ଭୁ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲାରୁ ବିଜୁବାବୁ ଦୁଇଥର ବିଧାୟକ

### ଆସିକା ଲୋକ ସଭା ଆସନରୁ ଥରେ ଏମ୍‌ପି

**ବ୍ରହ୍ମପୁର ଅଫିସ,୧୬।୪**

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଗଞ୍ଜାମ ଜିଲାରୁ ଦୁଇଥର ବିଧାୟକ ଓ ଥରେ ଲୋକ ସଭା ଏମ୍‌ପି ହୋଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନରେ ଜଗନ୍ନାଥପ୍ରସାଦ ଏବଂ ୧୯୫୭ ଦ୍ୱିତୀୟ ନିର୍ବାଚନରେ ସୋରଡ଼ା ନିର୍ବାଚନମଣ୍ଡଳୀରୁ ସେ କଂଗ୍ରେସରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାର ଚାରି ଦଶନ୍ଧି ପରେ ପୁଣି ଗଞ୍ଜାମ ରାଜନୀତିରେ ଆସି ୧୯୯୬ ଲୋକ ସଭା ନିର୍ବାଚନରେ ଆସିକା ଆସନରୁ ଜନତା ଦଳ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଏମ୍‌ପି ହୋଇଥିବା ନିର୍ବାଚନୀ ତଥ୍ୟ ରହିଛି। ଦୁଇ ବିଧାନସଭା ନିର୍ବାଚନ ଲଢ଼ିବା ବେଳେ ତାଙ୍କ ନାମ ବିଜୟାନନ୍ଦ ପଟ୍ଟନାୟକ ଥିଲା। ଏପ୍ରିଲ ୧୭ ତାଙ୍କ ପୁଣ୍ୟ ତିଥିରେ ମନେପଡୁଛନ୍ତି ପ୍ରବାଦ ପୁରୁଷ। ୨୦୦୯ରେ ଜିଲାର ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ତଥା ସୀମା ନିର୍ଦ୍ଧାରଣ ବେଳେ ପୂର୍ବ ଜଗନ୍ନାଥପ୍ରସାଦ ନିର୍ବାଚନମଣ୍ଡଳୀ ଲୋପ ପାଇଛି ଏବଂ ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳ ଭଞ୍ଜନଗର ବିଧାନସଭା କ୍ଷେତ୍ରରେ ସାମିଲ ହୋଇଛି।

ସୂଚନାଯୋଗ୍ୟ, ବିଜୁଙ୍କ ପିତୃ ପୁରୁଷ ଭଞ୍ଜନଗର ନିକଟ ନୂଆଗାଁ ବାସିନ୍ଦା। ତାଙ୍କ ଜେଜେ ବାପାଙ୍କ ପରେ ଆଉ କେହି ସେଠାରେ ରହୁନାହାନ୍ତି। ବାପା ସରକାରୀ ଅଧିକାରୀ ଥିଲେ ଓ କଟକ ବାସିନ୍ଦା ହୋଇଯାଇଥିଲେ। ବିଜୁବାବୁ ମଧ୍ୟ ସେଠାରେ ଜନ୍ମଗ୍ରହଣ ସାଙ୍ଗକୁ ଶିକ୍ଷାଲାଭ କରିବା ପରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ଜାତୀୟସ୍ତରୀୟ ରାଜନେତା ହୋଇଥିଲେ। ତେବେ ତାଙ୍କ ଜୀବନ କାଳରେ ଥରେ ବି ପୈତୃକ ଗ୍ରାମରେ ପାଦ ପକାଇ ନ ଥିଲେ। ତଥାପି ସେହି ବୀର ଓଡ଼ିଆ ଗଞ୍ଜାମ ମାଟିର ପୁଅ ବୋଲି ଜିଲାର ଅଧିକାଂଶ ଲୋକ କହୁଛନ୍ତି।

# ରାଜ୍ୟସ୍ତରୀୟ କବିତା ପାଠୋତ୍ସବ



କବିତା ପାଠୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

**ବ୍ରହ୍ମପୁର ଅଫିସ୍, ୧୬।୪**

ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀନଗରଠାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଡମ୍ବରୁଧର ସାହୁ ଓ ଏସ୍.ପ୍ରକାଶ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବି ରଥ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ପାଠୋତ୍ସବକୁ ନୀଳକଣ୍ଠ ସାହୁ, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଓ ବନ୍ଦନା ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦନା ମହାପାତ୍ର, ଜ୍ୟୋତ୍ସ୍ନା ମହାନ୍ତି, ପଦ୍ମିନୀ ମିଶ୍ର, ଡ. କୁଳମଣି ଓଝା, ରଙ୍କନାଥ ସେଠୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁଙ୍କ ସମେତ ବହୁ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ବାପାଙ୍କୁ ହତ୍ୟା ମାମଲା, ପୁଅ କୋର୍ଟଚାଲାଣ

**ଗୋପାଳପୁର,୧୬।୪**

ବାପାଙ୍କୁ ହତ୍ୟା ଅଭିଯୋଗରେ ଗୋପାଳପୁର ପୋଲିସ ଶୁକ୍ରବାର ପୁଅକୁ କୋର୍ଟଚାଲାଣ କରିଛି। ସେ ହେଲେ ଭକ୍ତ ସାଲବେଗ ନଗରର ଆଶିଷ ନନ୍ଦ (୩୨)। ପଞ୍ଜାବର ଲୁଧିଆନାରେ କୃଷି ବୈଜ୍ଞାନିକ ଭାବେ ବାପା ସରୋଜ ନନ୍ଦ (୬୩) କାର୍ଯ୍ୟ କରି ତିନିବର୍ଷ ହେଲା ଅବସର ନେଇଥିଲେ। ଗୋପାଳପୁର ଥାନା ସାଲବେଗ ନଗରରେ ସରୋଜଙ୍କ ପରିବାର ରହୁଥିଲେ। ସରୋଜ ପୁରୁଣା ଜିନିଷଗୁଡ଼ିକୁ ମହଜୁଦ ରଖୁଥିବାରୁ ଏହାକୁ ନେଇ ବିଭିନ୍ନ ସମୟରେ ବାପ ପୁଅଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗୁରୁବାର ଘରେ ଥିବା ପୁରୁଣା ଜିନିଷ ବିଷୟରେ ପୁଣି ସରୋଜ ଓ ଆଶିଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଆଶିଷ ଏକ ଛୁରୀରେ ସରୋଜଙ୍କ ବେକକୁ କାଟି ଦେଇଥିଲେ। ସେ ଗୁରୁତର ଆହତ ହେବା ଯୋଗୁ ଆଶିଷ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ପୋଲିସ ପହଞ୍ଚି ଆଶିଷଙ୍କୁ ଗିରଫ କରିଥିଲେ। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା ନଂ. ୬୮/୨୧ରେ ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ ସ୍ଥଳରୁ ପୋଲିସ ରକ୍ତଭିଜା ବେଡସିଟ, ଛୁରୀ, ଲୁଗାପଟା ଓ ଚପଲକୁ ଜବତ କରିଥିଲା।

# ଏମ୍‌କେସିଜି ଡାକ୍ତରଙ୍କୁ କରୋନା ଭୟ

### ୪ ବିଭାଗ ଆଉଟଡୋର ସ୍ଥାନାନ୍ତର

**ବ୍ରହ୍ମପୁର ଅଫିସ,୧୬।୪**

ଅତି ଭୟଙ୍କର ରୂପ ନେଉଛି କରୋନା। ସାଙ୍ଘାତିକ ଭାବେ ବ୍ୟାପିଲାଣି। ଗତବର୍ଷ ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ କ୍ୱାରାଣ୍ଟାଇନରୁ ଚିହ୍ନଟ ହେଉଥିଲେ। ଏଥର କିନ୍ତୁ ଅଧିକ ଲୋକାଲ କେସ୍ ବା ସ୍ଥାନୀୟ ସଂକ୍ରମଣ। କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଗହଳି କମାଇବା ତଥା ରୋଗୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ୪ଟି ବିଭାଗର ଆଉଟଡୋରକୁ ଏବେ ନିର୍ଦ୍ଧାରିତ ସ୍ଥାନଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। କରୋନାକୁ ଦୃଷ୍ଟିରେ ରଖି ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ୩ ଦିନ ତଳେ ବିଭିନ୍ନ ମେଡିକାଲ କଲେଜର ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଥିଲା। ସେହିକ୍ରମରେ ଏମ୍‌କେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ପୁରୁଣା ଆଉଟଡୋର କୋଠାରୁ ୪ଟି ବିଭାଗର ଆଉଟଡୋରକୁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ବିଭାଗଗୁଡ଼ିକ ହେଲା ଭେଷଜ, ଚର୍ମ ଓ ଯୌନ ରୋଗ, ମାନସିକ ରୋଗ ଓ ଛାତି ଓ ଯକ୍ଷ୍ମା ରୋଗ ବିଭାଗ। ଅଧୀକ୍ଷକଙ୍କ ଚିଠି ପ୍ରକାରେ ଭେଷଜ ବିଭାଗ ଆଉଟଡୋରକୁ ପିଏମ୍‌ଆର କୋଠାର ପ୍ରଥମ ମହଲାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚର୍ମ ଓ ଯୌନରୋଗ ବିଭାଗ ଆଉଟଡୋରକୁ ନିଶା ନିବାରଣ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମାନସିକ ରୋଗ ବିଭାଗ ଆଉଟଡୋରକୁ ମଧ୍ୟ ନିଶା ନିବାରଣ କୋଠାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଛାତି ଓ ଯକ୍ଷ୍ମା ରୋଗ ଆଉଟଡୋରକୁ ଏହି ବିଭାଗର ଅନ୍ତଃବିଭାଗର ତଳ ମହଲାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏମ୍‌କେସିଜିକୁ ଦୈନିକ ୨ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ କାଜୁଆଲିଟି ସହ ବିଭିନ୍ନ ବିଭାଗର ଆଉଟଡୋରରେ ରୋଗୀଙ୍କ ଭିଡ ଲାଗିରହୁଛି। ଯେତେ ଯାହା ଉପାୟ କଲେ ବି ରୋଗୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିହେଉନି। ଯାହା କରୋନା ସଂକ୍ରମଣ ପାଇଁ ଯଥେଷ୍ଟ ହୋଇପଡୁଛି। ସେହି ଦୃଷ୍ଟିରୁ ଉପରୋକ୍ତ ପଦକ୍ଷେପ ନିଆଯାଇଥିବା ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ମିଶ୍ର ସୂଚନା ଦେଇଛନ୍ତି।

## ସରପଞ୍ଚଙ୍କୁ ହତ୍ୟା ଧମକ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୬।୪(ଡି.ଏନ.ଏ.)**

ଆଙ୍କୋରଡ଼ା ସରପଞ୍ଚ ଉଷନ୍ତ କୁମାର ସାହୁଙ୍କୁ ହତ୍ୟା ଧମକ ଅଭିଯୋଗରେ ଶୁକ୍ରବାର ଦିଗପହଣ୍ଡି ପୋଲିସ ରାଜପୁର ଗ୍ରାମର ବୁଲୁ ସାହୁଙ୍କୁ କୋର୍ଟ ଚାଲାଣ କରିଛି। ମାମଲା ନଂ.୮୬/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ବୁଲୁ ଗତ ମଙ୍ଗଳବାର ସରପଞ୍ଚ ଏବଂ ତାଙ୍କ ଗାଁର କିଛବ୍ୟକ୍ତିଙ୍କୁ ଗାଳି ଗୁଲଜ କରିବା ସରପଞ୍ଚଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ସରପଞ୍ଚଙ୍କ ଏତଲାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିଥିଲା। ଗିରଫ ଭୟରେ ଅଭିଯୁକ୍ତ ଫେରାରଥିଲେ। ଗତ ଗୁରୁବାର ଅଭିଯୁକ୍ତ ଗାଁକୁ ଫେରିଥିବା ଖବର ପାଇ ତଦନ୍ତକାରୀ ପୋଲିସ ଅଧିକାରୀ ଅମୂଲ୍ୟ କୁମାର ମିଶ୍ର ତାଙ୍କୁ ଗିରଫ କରିଥିଲେ।

# ଜମି ବିବାଦ ନେଇ ରାସ୍ତାରୋକୋ



ରାସ୍ତାରୋକୋ କରାଯାଇଛି।

**ରାଇକିଆ/ଜି.ଉଦୟଗିରି, ୧୬।୪(ଡି.ଏନ୍.ଏ)**

ଜି.ଉଦୟଗିରି ବ୍ଲକ କଡିଙ୍ଗିଆଠାରେ ଜମି ବିବାଦ ନେଇ ଜି. ଉଦୟଗିରି-ରାଇକିଆ ମୁଖ୍ୟରାସ୍ତା ଶୁକ୍ରବାର ଅବରୋଧ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଅଣ ଆଦିବାସୀ ସମ୍ପ୍ରଦାୟର ଲୋକେ ଆଦିବାସୀଙ୍କ ଜମିରେ ଘର ନିର୍ମାଣ କରିଛନ୍ତି। ଏହାର ସମାଧାନ ସହ ପାରମ୍ପରିକ ଜଙ୍ଗଲ ଜମି ଅଧିକାର, ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ, ଗଣତନ୍ତ୍ର ରାଷ୍ଟ୍ରରେ ସାମୂହିକ ଅଧିକାରକୁ ଅଗ୍ରାଧିକାର, ଜାତି ହଡ଼ପ କାରୀଙ୍କୁ ଉଚିତ ଦଣ୍ଡ ପାଇଁ ଆଦିବାସୀମାନେ ଦାବି କରି ଦୁଇଘଣ୍ଟା ଧରି ଉକ୍ତ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଜି.ଉଦୟଗିରି ତହସିଲଦାର ଅଭିନାଶ ମାହାର, ଏସ୍‌ଡିପିଓ ଡି. ତିରୁପତି ରାଓ ପଟ୍ଟନାୟକ, ରାଇକିଆ ଥାନାଧିକାରୀ ତରଣ ତପନ ବେହେରା ପହଞ୍ଚି ଆନ୍ଦୋଳକାରୀଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।

# ୧୪ ବର୍ଷର ୟୁସି ପାରିତକୁ ବିରୋଧ

**ଖାଉଟି ସଚେତନତା ନାଁରେ ୧ କୋଟିର ଅନିୟମିତତା**
- ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହେଲା ଫୋକୋ
- କରୋନା ବାହାନାରେ ବୈଠକ ବାତିଲ ନେଇ କ୍ଷୋଭ
- ୧୩ ଜଣ ସଭ୍ୟରେ ବୈଠକ କରିବାରେ ଅସୁବିଧା ନ ଥିଲା

ନୟାଗଡ଼ ଅଫିସ,୧୬।୪

ନୟାଗଡ଼ ଜିଲାରେ ଖାଉଟି ସଚେତନତା ନାଁରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଖାଉଟି ଜିଲା ମନିଟରିଂ କମିଟିର ବୈଠକ ସରକାରଙ୍କ ନୀତି ନିୟମ ଭିତ୍ତିରେ କରାଯାଉନାହିଁ। ସେହିପରି ସଚେତନତା କାର୍ଯ୍ୟକ୍ରମରେ ଜିଲାରେ ଖର୍ଚ୍ଚ ହୋଇଥିବା ଅନୁଦାନର ୟୁସି ମଧ୍ୟ ସରକାରଙ୍କ ନିକଟରେ ଦାଖଲ କରାଯାଇନାହିଁ। ୧୫ ମାସ ପରେ ୧୪ବର୍ଷ ୟୁସିକୁ ଏପ୍ରିଲ ୧୬ ବୈଠକରେ ଆପ୍ରୁଭାଲ(ପାରିତ) କରାଇବା ନେଇ ଚିଠି ପରେ ରାଜ୍ୟ ଖାଉଟି ମହାସଂଘ(ଫୋକୋ)ର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବିରୋଧ କରିଥିଲେ। ଏପରିକି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଅନିୟମିତତାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ହେଲେ ବୈଠକକୁ କରୋନା ଆଳରେ ଜିଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ବାତିଲ କରିବା ପରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ, ନୟାଗଡ଼ରେ ଖାଉଟି ଜିଲା ମନିଟରିଂ କମିଟିର ବୈଠକ ୯୦ଦିନରେ ଥରେ ବସିବାକୁ ନିୟମ ରହିଛି। ଏହାବ୍ୟତୀତ ବୈଠକ ଅଧିକ ଥର ମଧ୍ୟ ହୋଇପାରେ। କିନ୍ତୁ ଜିଲାରେ ୨୦୧୯ ଡିସେମ୍ବର ୨୪ ପରେ କମିଟିର ବୈଠକ ବସିନାହିଁ। ଖାଉଟି କାର୍ଯ୍ୟକ୍ରମରେ ଜିଲା ପାଇଁ ଯାହା ଅର୍ଥ ଖର୍ଚ୍ଚ ହୁଏ ତାକୁ ଖାଉଟି ଜିଲା ମନିଟରିଂ କମିଟି ବୈଠକରେ ପାରିତ କରାଯିବାର ନିୟମ ଅଛି। ତେବେ ବିନା ପାରିତରେ ୧୪ବର୍ଷ ହେଲା ଖାଉଟି କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଟଙ୍କା ଖର୍ଚ୍ଚ ଚାଲିଛି। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ପରେ ସୁଫଳ ମିଳୁନି। ବରଂ ଖାଉଟି କାର୍ଯ୍ୟକ୍ରମର ଖର୍ଚ୍ଚ ଟଙ୍କାକୁ ପାରିତ କରାଇ ନେବାକୁ ମସୁଧା କରାଯାଇଥିଲା। ୧୪ ବର୍ଷର ଖାଉଟି କାର୍ଯ୍ୟକ୍ରମର ଖର୍ଚ୍ଚ ଅର୍ଥ ୟୁସିକୁ ପାରିତ କରିବାକୁ ଜିଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ ଚିଠି ନଂ. ୧୪୨୯ରେ/୨୪।୩।୨୧ରେ ଉଲ୍ଲେଖ କରିଥିଲେ; ଯାହାକୁ ରାଜ୍ୟ ଖାଉଟି ମହାସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଏ ନେଇ ରାଜ୍ୟ ଖାଉଟି ମହାସଂଘର ସାଙ୍ଗଠନିକ ସମ୍ପାଦକ ଶୂନ୍ୟଜୟୀ ମିଶ୍ର କୁହନ୍ତି, ୧୪ ବର୍ଷର ୟୁସିକୁ ଗୋଟିଏ ବୈଠକରେ ପାରିତ କରା ନ ଯାଉ। ଏଥିରେ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଅନିୟମିତତା ହୋଇଛି। ଏହି ଅନିୟମିତତା ନେଇ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିଥିଲି। ଅତିରିକ୍ତ ଜିଲାପାଳଙ୍କୁ ମେଲ ଯୋଗେ ଅଭିଯୋଗର ନକଲ ପଠାଇଥିଲି। ହେଲେ ସେସବୁ ଠିକ୍ ଅଛି ବୋଲି ସେ କହିଥିଲେ। ଆପଣ ବୈଠକକୁ ଆସିପାରନ୍ତି ଅଥବା ନ ଆସିପାରନ୍ତି। ତେବେ ଖାଉଟି ମନିଟରିଂ ବୈଠକ ନିଶ୍ଚିତ ପ୍ରଶାସନ ପକ୍ଷରୁ କରାଯିବ ବୋଲି କୁହାଯାଇଥିଲା। ଫୋକୋ ଏହି ଦୁର୍ନୀତି ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛି। ଏପ୍ରିଲ ୧୫ ସନ୍ଧ୍ୟାରେ ଚିଠିରେ ଉଲ୍ଲେଖ ଅଛି, ଖାଉଟି ଜିଲା ମନିଟରିଂ ବୈଠକ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ବାତିଲ କରାଗଲା ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ହେଲେ କମିଟିର ସଭ୍ୟ ସଂଖ୍ୟା ମାତ୍ର ୧୩ ଜଣ ହୋଇଥିବାରୁ କରୋନା ପାଇଁ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ କରି ବୈଠକ କରାଯାଇଥିଲେ କିଛି ଅସୁବିଧା ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଏ ନେଇ ଜିଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କୁହନ୍ତି, କରୋନା ଯୋଗୁ ଜିଲା ଖାଉଟି ମନିଟରିଂ କମିଟି ବୈଠକକୁ ବାତିଲ କରାଯାଇଛି। ଜିଲାରେ ଖାଉଟି ସଚେତନତା ନାଁରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନିୟମିତତା ସମ୍ପର୍କରେ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ। ସବୁ କିଛି ନୀତିନିୟମ ଭିତ୍ତିରେ କରାଯାଉଛି ବୋଲି ସେ କହିଛନ୍ତି।

## ମୋ ସ୍କୁଲ ଅଭିଯାନର ସଫଳତା ପାଇଁ ପ୍ରୟାସ

**ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସମୀକ୍ଷା**

ନୟାଗଡ଼ ଅଫିସ,୧୬।୪

ମୋ ସ୍କୁଲ ଅଭିଯାନର ସଫଳତା ପାଇଁ ଜୁମ ଆପରେ ନୟାଗଡ଼ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ନୟାଗଡ଼ ଜିଲାର ୫ଟି ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ବିଦ୍ୟାଳୟର ଉନ୍ନତି, ପୁରାତନ ଛାତ୍ରୀଛାତ୍ର ଯୋଡି ହେବା ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ। ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କର ଡାଟାବେସ ତିଆରି କରିବା, ହ୍ୱାଟସ୍ ଅପ ଗ୍ରୁପ ତିଆରି କରିବା, ପୁରାତନ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଇଟାମାଟି ବାମନ ଅବକାଶ ବିଦ୍ୟାଳୟ, ରାସଙ୍ଗର ରାମଚନ୍ଦ୍ର ପ୍ରାଣବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ, କିଶୋର ବିଦ୍ୟାପୀଠ ଗଣିଆ, ମଧ୍ୟଖଣ୍ଡ ଉଚ୍ଚ ବିଦ୍ୟାଳୟ, କୁରାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇ ମତ ରଖିଥିଲେ। ଦଶପଲ୍ଲା ବିଧାୟକ ରମେଶ ବେହେରା ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପିକ୍ଅପ୍ ଭ୍ୟାନ ଧକ୍କାରେ ଦୁଇଭାଇ ଗୁରୁତର



**ଖଣ୍ଡପଡ଼ା/ଭାପୁର, ୧୬।୪ (ସ୍ୱ.ପ୍ର/ଡି.ଏନ.ଏ.):** ଖଣ୍ଡପଡ଼ା-ବାହାଡ଼ା-ବସନ୍ତପୁର ପୂର୍ତ୍ତ ବିଭାଗ ରାସ୍ତାର ପଦ୍ମପୋଖରୀ ବିଲାଣି ନିକଟରେ ଶୁକ୍ରବାର ସକାଳେ ଏକ ପିକ୍ଅପ୍ ଭ୍ୟାନ୍ ବାଇକ୍କୁ ଧକ୍କା ଦେବାରୁ ଦୁଇଭାଇ ଗୁରୁତର ହୋଇଛନ୍ତି। ବନମାଳିପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗାଁର ବ୍ରଜବନ୍ଧୁ ସେଠୀ(୪୫) ଓ ରମେଶ କୁମାର ସେଠୀ (୪୦) ଦୁଇଭାଇ ବାହାଡା ବଜାରରୁ ଗ୍ରାମ ଅଭିମୁଖେ ଯାଉଥିଲେ। ଭାପୁର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ପିକଅପ୍ ଭ୍ୟାନ ସେମାନଙ୍କ ବାଇକ୍କୁ ଧକ୍କା ଦେଇଥିଲା। ଫଳରେ ଦୁଇଭାଇ ରାସ୍ତା କଡକୁ ଛିଟିକି ପଡିବା ସହ ଗୁରୁତର ହୋଇଥିଲେ। ଧକ୍କା ଦେଇଥିବା ପିକ୍ଅପ୍ ଭ୍ୟାନ ରାସ୍ତାପାର୍ଶ୍ୱକୁ ଚାଳକଙ୍କ ସହ ଓଲଟି ପଡ଼ିଥିଲା। ଖବରପାଇ ଜଗନ୍ନାଥପ୍ରସାଦ ଫାଣ୍ଡି ପୋଲିସ ଆହତଙ୍କୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପିକଅପ୍ ଗାଡି ଚାଳକ ପ୍ରଭାତ ବେହେରା (୨୪)କୁ ଉଦ୍ଧାର କରାଯାଇଥିଲା। ଆହତ ଦୁଇଭାଇଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଫତେଗଡ଼ ଥାନା ପୋଲିସ ଗାଡିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

### ଡାକ୍ତରଙ୍କୁ ଦୁର୍ବ୍ୟବହାର କରି ୨ ଜେଲ ଗଲେ

**ନୟାଗଡ ଅଫିସ,୧୬।୪:** ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ରଣପୁର ଥାନାର ରାଜସୁନାଖଳା ଫାଣ୍ଡି ପୋଲିସ ରାଜସୁନାଖଳା ସଦରସାହିର ରବି ସୁନ୍ଦରା(୪୫) ଓ ଏକଡାଳିଆସାହିର ସୋମନାଥ ସାହୁ(୩୩)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ରଣପୁର ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ରବି ଓ ସୋମନାଥ ମଦ୍ୟପାନ କରି ବୁଧବାର ବିଳମ୍ବିତ ରାତିରେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ଡାକ୍ତରଙ୍କୁ ଗାଳିଗୁଲଜ କରିଥିଲେ। ଡାକ୍ତରଙ୍କ ଅଭିଯୋଗ ପରେ ପୋଲିସ ନଂ. ୬୮/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ବୋଲି ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ କହିଛନ୍ତି।

### ଆଦର୍ଶ ୟୁଥ୍ କ୍ଲବର ମାସ୍କ ବଣ୍ଟନ




**ଦଶପଲ୍ଲା,୧୬।୪( ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଡିହଗାଁ ପଞ୍ଚାୟତ ମଧୁପୁର ଗାଁ ଆଦର୍ଶ ୟୁଥ୍ କ୍ଲବ ସଦସ୍ୟମାନେ ଶୁକ୍ରବାର ଦଶପଲ୍ଲା-ଗଣିଆ ରାସ୍ତାରେ ଠିଆ ହୋଇ ସାଇକେଲ, ବାଇକ୍ ଓ ପଥଚାରୀମାନଙ୍କୁ କରୋନା ସମ୍ପର୍କରେ ସଚେତନ କରିଥିଲେ। ଏଥିସହ ମାସ୍କ ପିନ୍ଧି ନ ଥିବା ଲୋକମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। କ୍ଲବର ସୁବ୍ରତ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ଦୁର୍ଗା ଶଙ୍କର ପ୍ରଧାନଙ୍କ ସହ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ। ସେମାନଙ୍କର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ମଦ ଜବତ, ୩ ଗିରଫ

**ନୟାଗଡ଼ ଅଫିସ,୧୬।୪:** ଖଣ୍ଡପଡ଼ା ଓ ଦଶପଲ୍ଲା ଅବକାରୀ ବିଭାଗର କର୍ମଚାରୀମାନେ ଶୁକ୍ରବାର ମିଳିତ ଭାବେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛନ୍ତି। ଭାପୁର ବିଜିପୁରର ସୁରେନ୍ଦ୍ର ଜେନାଙ୍କୁ ଗିରଫ କରି ତାଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ କରିଛନ୍ତି। ସେହିପରି କଣ୍ଟିଲୋ ଅନ୍ଧାରୀସାହିର କୈଳାସ ସୁବୁଦ୍ଧିଙ୍କୁ ଗିରଫ କରି ୫ ଲିଟର ଦେଶୀ ଓ ଝଗଡାପଡାର ସୁଶାନ୍ତ ନାୟକଙ୍କୁ ଗିରଫ କରି ୭.୫ ଲିଟର ବିଦେଶୀ ମଦ ଜବତ କରିଛନ୍ତି। ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।



ନୟାଗଡ଼ ସହରରେ କରୋନା କଟକଣା ଲାଗି ଲୋକଙ୍କୁ ସଚେତନତା ଅବସରରେ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ କରାଯାଉଛି।

## ଟ୍ରେନ୍ ଯାତ୍ରା କରି ନ ପାରି ଫେରୁଛନ୍ତି ଯାତ୍ରୀ

**ଷ୍ଟେଶନରେ ମିଳୁନି ଅନ୍ଲାଇନ ଟିକେଟ**

ନୟାଗଡ଼ ଅଫିସ,୧୬।୪

ସେବା ଏକ୍ସପ୍ରେସରେ ଯିବାକୁ ନୟାଗଡ଼ ଟାଉନ ଷ୍ଟେଶନରେ ମିଳୁନି ଅନ୍ଲାଇନ ଟିକେଟ। ଯାତ୍ରୀ ଟ୍ରେନ ଯାତ୍ରା କରି ନ ପାରି ଘରକୁ ଫେରୁଛନ୍ତି। ମୋବାଇଲ ଆପରେ ଅନ୍ଲାଇନ ଟିକେଟ କାଟିବାର ବ୍ୟବସ୍ଥା ରହିଛି। ହେଲେ ସବୁ ଲୋକ ମୋବାଇଲ ଆପ ସମ୍ପର୍କରେ ଅବଗତ ନୁହନ୍ତି। କେତେଜଣ ଲୋକ ମୋବାଇଲ ବ୍ୟବହାର କରି ବି ଜାଣି ପାରୁନାହାନ୍ତି। ମୋବାଇଲ ବ୍ୟବହାର କରୁ ନ ଥିବା ବ୍ୟକ୍ତିମାନେ ବେଶୀ ହଇରାଣ ହେଉଛନ୍ତି। ଏ ନେଇ ନୟାଗଡ଼ ଟାଉନ ଷ୍ଟେଶନ ମାଷ୍ଟର ସଞ୍ଜୟ ପ୍ରଧାନ କୁହନ୍ତି, ଆମର ରିଜରଭେଶନ ଟିକେଟ୍ କାଟିବାର ବ୍ୟବସ୍ଥା ନାହିଁ। ଷ୍ଟେଶନରେ ରିଜରଭେଶନ ଟିକେଟ କାଟିବାର ବ୍ୟବସ୍ଥା କରାଗଲେ ଲୋକମାନେ ହଇରାଣ ହୁଅନ୍ତେ ନାହିଁ। ଏ ନେଇ ନୟାଗଡ଼ର ଦିଲୀପ ମିଶ୍ର କୁହନ୍ତି, ମୋବାଇଲ ଆପରେ ଆଇଆରସିଟିସି ନୟାଗଡ଼ ଷ୍ଟେଶନ ବାହାରୁନି। ଲୋକେ କିପରି ଟିକେଟ କାଟିବେ। ଅନ୍ୟପକ୍ଷେ ନୟାଗଡ଼ର ପୁରୁଣା ସବ୍ଜେଲ ସମ୍ମୁଖରେ ଅନ୍ଲାଇନ ଟିକେଟ କଟାଯାଉଛି। ହେଲେ ସବୁ ଲୋକ ଜାଣି ପାରୁନାହାନ୍ତି। ଏଣୁ ଷ୍ଟେଶନରେ ଅନ୍ଲାଇନ ଟିକେଟ ମିଳିବାର ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି।



ଯାତ୍ରୀମାନେ ଅନ୍ଲାଇନ ଟିକେଟ୍ କିଭଳି କାଟିବେ ସେ ସମ୍ପର୍କରେ ରେଳ କର୍ମଚାରୀଙ୍କଠାରୁ ପଚାରି ବୁଝୁଛନ୍ତି।

## ତଥ୍ୟ ଦେବାକୁ ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବଳରାମପ୍ରସାଦ ନୂଆ ପଞ୍ଚାୟତ ଗଠନ ମାମଲା**

ନୟାଗଡ଼ ଅଫିସ,୧୬।୪

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକରେ ବଳରାମପ୍ରସାଦକୁ ନୂଆ ପଞ୍ଚାୟତ କରିବା ପ୍ରସଙ୍ଗରେ ଶୁଣାଣି ଶୁକ୍ରବାର ଭିଡିଓ କନଫେରନ୍ସ ମାଧ୍ୟମରେ ହୋଇଛି। ନୂଆ ପଞ୍ଚାୟତ କ୍ଷେତ୍ରରେ ସର୍ବଶେଷ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ୨୦୧୬ରେ ହାଇକୋର୍ଟରେ ବଳରାମପ୍ରସାଦ ଗାଁର ବାସୁଦେବ ମହାନ୍ତିଙ୍କ ସମେତ ଗ୍ରାମବାସୀ ଏକ ରିଟ୍ କେସ ଫାଇଲ କରିଥିଲେ। ବରିଷ୍ଠ ଆଇନଜୀବୀ ଚିତ୍ତ ରଞ୍ଜନ ଦାସ ଓ ସୁବାସ ଚନ୍ଦ୍ର ଆଚାର୍ଯ୍ୟ ମାମଲା ପରିଚାଳନା କରିଥିଲେ। ପ୍ରକାଶଥାଉ କି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ପଞ୍ଚାୟତ ପୁନର୍ଗଠନ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରେ ବଳରାମପ୍ରସାଦ, ରାଜକିଆରୀ, ହଟିଆପଲ୍ଲୀ, ନାଦଝର ଗାଁକୁ ନେଇ ବଳରାମପ୍ରସାଦ ପଞ୍ଚାୟତ ଗଠନ ନିମନ୍ତେ ଦାବିଉଠିଥିଲା। ସିଦ୍ଧାମୂଳାରୁ ଅଲଗା ହୋଇ ବଳରାମପ୍ରସାଦ ପଞ୍ଚାୟତକୁ ନୂଆକରି ଗଠନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୦୧୬ରେ ଗ୍ରାମବାସୀ ଆମରଣ ଅନଶନ କରିଥିଲେ। ତତ୍କାଳିନ ଜିଲାପାଳ ଅନଶନକାରୀଙ୍କୁ ଉଠାଇ ନୂଆ ପଞ୍ଚାୟତ ଗଠନ କରିବା ନେଇ ଚିଠି ରାଜ୍ୟ ସରକାରଙ୍କୁ ଦେଇଥିଲେ। ତେବେ ନୂଆ ପଞ୍ଚାୟତ ଗଠନରେ ବଳରାମପ୍ରସାଦର ନାଁ ନ ଥିବାରୁ ହାଇକୋର୍ଟରେ ଗ୍ରାମବାସୀ ଆଶ୍ରୟ ନେଇଥିଲେ।

## କରୋନା କଟକଣା : ପୋଲିସର ଫ୍ଲାଗ୍ମାର୍ଚ୍ଚ

ନୟାଗଡ ଅଫିସ,୧୬।୪

କରୋନା କଟକଣା ଲାଗି ଲୋକଙ୍କୁ ସଚେତନତା ଉଦ୍ଦେଶ୍ୟରେ ନୟାଗଡ ଟାଉନ ଥାନା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ନୟାଗଡ ଏସ୍ଡିପିଓ ଶୁଭେନ୍ଦୁ ସିହ୍ନା ଓ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ନୟାଗଡ ସହରରେ ଫ୍ଲାଗ ମାର୍ଚ୍ଚ କରିଥିଲେ। ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରିବା, ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପିନ୍ଧିବାକୁ ପୋଲିସ ଲୋକଙ୍କୁ ପରାମର୍ଶ ଦେଇଛି। ଅମାନିଆଙ୍କୁ ଧରି କରାଯାଇ ଆର୍ଥିକ ଦଣ୍ଡ କରାଯିବ ବୋଲି କୁହାଯାଇଛି।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**କିଡନୀ ରୋଗରେ ମହିଳା ଆକ୍ରାନ୍ତ**

ଖଣ୍ଡପଡ଼ା, ୧୬।୪ (ସ୍ୱ.ପ୍ର.)

କିଡନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ୨ବର୍ଷ ହେଲା ଦୁଃଖରେ ଦିନ କାଟୁଛନ୍ତି ରମାମଣୀ ରାଉତ (୪୫)। ସେ ଆବଶ୍ୟକ ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗାଁର କାହ୍ନଚରଣ ରାଉତଙ୍କୁ ରମାମଣୀ ବିବାହ କରିଥିଲେ। ବିବାହ ପରେ ବିଭିନ୍ନ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ଏହାପରଠାରୁ ରମାମଣୀ ଶାଶୁ ଘର ଛାଡି ଏବେ ଖଣ୍ଡପଡ଼ା ସହରର ୮ ନଂ. ୱାର୍ଡ ଅଧୀନ କୁମ୍ଭାରସାହିସ୍ଥିତ ବାପ ଘରେ ୨ ପୁଅଙ୍କ ଧରି ରହୁଛନ୍ତି। ପରିବାର ପ୍ରତିପୋଷଣ ନିମନ୍ତେ କାମଧନ୍ଦା କରି ଜୀବିକା ନିର୍ବାହ କରୁଥିବା ମହିଳାଙ୍କ ଉପରେ ରୋଗ ଦାଉ ସାଜୁଛି। ଧାର ଉଦ୍ଧାର କରି ଚିକିତ୍ସା ବାବଦରେ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ ହେଁ ରୋଗ ଉପସମ ହେବାର ନାଁ ଗନ୍ଧ ଧରୁନାହିଁ। ବେଳକୁ ବେଳ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଦେଖାଦେଉଥିବାରୁ ରୋଗାକ୍ରାନ୍ତ ରମାମଣୀ ଓ ଦୁଇ ପୁଅ ଭାଙ୍ଗି ପଡ଼ିଛନ୍ତି। ଭୁବନେଶ୍ୱରସ୍ଥିତ ଏମ୍ସଠାରୁ ଆରମ୍ଭ କରି ବେସରକାରୀ ହସ୍ପିଟାଲରେ ରମାମଣୀ ଚିକିତ୍ସିତ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ରୋଗାକ୍ରାନ୍ତ ମହିଳାଙ୍କ ଆବଶ୍ୟକ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିବା ବେଳେ ସରକାରୀ ଓ ବେସରକାରୀ ସୂତ୍ରରୁ ଯଦି କିଛି ସହାୟତା ମିଳେ ସେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ପାରନ୍ତେ ବୋଲି ପରିବାରର ଲୋକେ କହିଛନ୍ତି। ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ରମାମଣୀ ରାଉତ

## ଶିଶୁଙ୍କ ସୁରକ୍ଷାକୁ ଅଣଦେଖା

**କରୋନା ସଂକ୍ରମଣ ଭୟ**
- ଅଙ୍ଗନୱାଡି କେନ୍ଦ୍ର ବନ୍ଦ ହେଉନି

ନୟାଗଡ଼ ଅଫିସ,୧୬।୪

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଭୟ ଅଭିଭାବକଙ୍କୁ ଘାରିଛି। ହେଲେ ଶିଶୁଙ୍କ ପାଇଁ ଚିନ୍ତା କେନ୍ଦ୍ର କି ରାଜ୍ୟ ସରକାରଙ୍କ ନ ଥିବା ଜଣାପଡିଛି। ସଂକ୍ରମଣ ଭୟରୁ ବର୍ତ୍ତିବା ପାଇଁ ସରକାର ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। ସ୍କୁଲ, କଲେଜ ପରି ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ସହ ଛାତ୍ରୀଛାତ୍ରଙ୍କ ପରୀକ୍ଷା ବାତିଲ କରି ସାରିଲେଣି। ହେଲେ ଶିଶୁଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ କିଛି ପଦକ୍ଷେପ ନେଉ ନ ଥିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଅନେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଅନୁପସ୍ଥିତି ରହୁଥିଲେ ମଧ୍ୟ ସରକାର ଏ ଦିଗରେ ଚିନ୍ତା କରୁନାହାନ୍ତି। ଏ ନେଇ ନୟାଗଡ଼ର ଉର୍ମିଳା ଡାକୁଆ କୁହନ୍ତି, ଛୋଟ ଶିଶୁ ଏବେ ଅସୁରକ୍ଷିତ। ଅନେକ ନିଜ ପିଲାମାନଙ୍କୁ ଅଙ୍ଗନୱାଡି ଛାଡୁନାହାନ୍ତି। ମୋ ଝିଅକୁ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରକୁ ଛାଡୁନି। ହେଲେ କେତେଜଣ ଶିଶୁ ଏବେ ବି ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଦରକାର। ଗଣିଆର ରଶ୍ମିତା ସ୍ୱାଇଁ କୁହନ୍ତି, କେନ୍ଦ୍ର ସରକାର ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି। ହେଲେ ରାଜ୍ୟ ସରକାର ଏ ଦିଗରେ କିଛି କହୁନାହାନ୍ତି। ଅଭିଭାବକମାନଙ୍କ ପକ୍ଷରୁ ପ୍ରତିବାଦ ନାହିଁ। ଯେଉଁମାନେ ପ୍ରତିବାଦ କରୁଛନ୍ତି ସେମାନେ ନିଜ ପିଲାଙ୍କୁ କେନ୍ଦ୍ରକୁ ଛାଡୁନାହାନ୍ତି। ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନିଅନ୍ତୁ। ଭାପୁରର ଉର୍ମିଳା ସାହୁ କୁହନ୍ତି, ପୁଅ ଅଙ୍ଗନୱାଡି ଯାଉଥିଲା। କରୋନା ସଂକ୍ରମଣକୁ ଦେଖିବା ପରେ ଆଉ ଛାଡୁନି। ହେଲେ କେତେଜଣ ପିଲା ଯାଉଛନ୍ତି। ସେମାନଙ୍କୁ ବାରଣ କଲେ ମଧ୍ୟ ସେମାନଙ୍କ ଅଭିଭାବକ ଶୁଣୁନାହାନ୍ତି।

ଖଣ୍ଡପଡା ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀ ନିଜର ପରିଚୟ ନ କହି କହିଥିଲେ, ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆସିବା ପରେ ଆମକୁ ଭୟ ଲାଗୁଛି। ଯଦି କେହି ଶିଶୁ କରୋନା ଆକ୍ରାନ୍ତ ହୁଅନ୍ତି ଆମେ କ'ଣ କରିବୁ କିଛି ଜାଣିପାରୁନାହୁଁ। ସରକାରୀ ନିର୍ଦ୍ଦେଶ ମୁତବାକ, କାର୍ଯ୍ୟ କରୁଥିଲେ ହେଁ ଆମ ମନରୁ ଛନକା ଯାଉନାହିଁ। ସରକାର ଅଙ୍ଗନୱାଡି କେନ୍ଦ୍ର ବନ୍ଦ କରି ଦେଇ ପିଲାଙ୍କ ଘରକୁ ଖାଦ୍ୟ ପଠାଇବାର ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।



ଅଙ୍ଗନୱାଡି କେନ୍ଦ୍ର ବନ୍ଦ ପରେ ଗେଟ୍ ସମ୍ମୁଖରେ ପିଲାମାନେ ଛିଡ଼ା ହୋଇଛନ୍ତି।